## ସିଟିଜେନ ଫୋରମ ପକ୍ଷରୁ ଶହୀଦ ଦିବସ ପାଳିତ

ଜୁନାଗଡ଼,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ସ୍ଥିତ ଆରଏମସି ସଭାଗୃହଠାରେ ସିଟିଜେନ ଫୋରମ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଶହୀଦ ଦିବସ ପାଳନ କରାଯାଇଛି। ସିଟିଜେନ ଫୋରମର ସଭାପତି ଅଶୋକ ପାତ୍ରଙ୍କ ସଭାପତିତ୍ୱରେ ସମସ୍ତ ସଭ୍ୟ ଗାନ୍ଧୀଙ୍କ ସ୍ମୃତି ଚାରଣ କରିଥିଲେ। ସଭାରେ ବରିଷ୍ଠ ସଭ୍ୟ ଈଶ୍ୱର ଚନ୍ଦ୍ର ପୁଜାରୀ, ଯୁଗଳ କିଶୋର ନାୟକ, ସମ୍ପାଦକ ବିଜୟ ବେହେରା, ସହସମ୍ପାଦକ ସନ୍ତୋଷ କୁମାର ସିଂଦେଓ, ଅନିଲ ପଣ୍ଡା, କୁବେଲେସ୍ୱର ପାଣିଗ୍ରାହୀ, ଦିଲୀପ ଡଙ୍ଗଡାମାଝି ଓ ଅନ୍ୟାନ୍ୟ ସଭ୍ୟମାନେ ଯୋଗଦାନ କରିଥିଲେ। କୁବେଲେସର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।



## ସଂକ୍ଷେପରେ

### ବୟସ୍କ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ

ଭବାନୀପାଟଣା,୩୧।୧(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ବଡକର୍ଲାକୋଟ ପଞ୍ଚାୟତ ମାଲଗୁଡା ଗ୍ରାମର କୃଷ୍ଣ ରଣା(୫୫)ଙ୍କ ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ସକାଳ ୮ଟାରେ ଲାଖବହାଲିଠାରେ ଥିବା ନିଜର କ୍ଷେତରେ ପାଣି ଲଗାଇବି ବୋଲି କୃଷ୍ଣ ଘରୁ ଯାଇଥିଲେ। କିନ୍ତୁ ବଡକର୍ଲାକୋଟ ନିକଟରେ ତାଙ୍କୁ ଅଚେତ ଅବସ୍ଥାରେ ପଡିଥିବା ଗାଁ ଲୋକଙ୍କଠାରୁ ପରିବାର ଲୋକେ ଖବର ପାଇଥିଲେ। କୃଷ୍ଣଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ଜୟପାଟଣା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଛି। ବୁଧବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ ସୂଚନା କହିଛି। ଏ ପର୍ଯ୍ୟନ୍ତ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ।

### ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ବିୟୋଗରେ ଶୋକସଭା

ଲାଞ୍ଜିଗଡ଼,୩୧।୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ବିଜେଡି କାର୍ଯ୍ୟାଳୟଠାରେ ବିଜେଡି ବ୍ଲକ ଉପସଭାପତି ସୌରଭ କୁମାର ପାତ୍ରଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ବିୟୋଗରେ ବ୍ଲକ ବିଜେଡି ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ପୂର୍ବତନ ବିଧାୟକ ଶିବାଜୀ ମାଝି, ଲାଞ୍ଜିଗଡ଼ ବିଧାୟକ ପ୍ରତିନିଧି ପ୍ରଦୀପ ଘଡ଼େଇ, ବ୍ଲକ ଉପାଦକ୍ଷ ସଞ୍ଜୀବ କୁମାର ନାୟକ, ପୂର୍ବତନ ବ୍ଲକ ଉପାଧକ୍ଷ ଶ୍ରୀଧର ପେଶନିଆ, ବ୍ଲକ ପୁର୍ବତନ ଉପାଦକ୍ଷ ଜଗଦୀଶ ବେନିଆଙ୍କ ସମେତ ବହୁ କର୍ମୀ ଯୋଗଦେଇ ସ୍ୱର୍ଗତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ସହିତ ବିତାଇଥିବା ସ୍ମରଣୀୟ ମୂହୁର୍ତ୍ତ ମନେ ପକାଇଥିଲେ। ଦିବଙ୍ଗତ ଦାସଙ୍କ ଶୋକସନ୍ତପ୍ତ ପରିବାର, ଆତ୍ମୀୟ ସ୍ୱଜନ ଓ ଶୁଭେଚ୍ଛୁଙ୍କୁ ସମବେଦନା ଜଣାଇ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

### ବିଜ୍ଞାନ ସାହିତ୍ୟ ପରିଷଦ କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର ଅଫିସ, ୩୧।୧: ବିଜ୍ଞାନ ସାହିତ୍ୟ ପରିଷଦର କାର୍ଯ୍ୟକାରିଣୀ ବୈଠକ ସଭାପତି ଡ. ଅଭିମନ୍ୟୁ ମିଶ୍ରଙ୍କ ଅଧକ୍ଷତାରେ ରୁଗୁଡିପଡାଠାରେ ଅନୁଷ୍ଠିତ ହୋଇଛି। ସମ୍ପାଦକ ରାଜେନ୍ଦ୍ର କୁମାର ଶର୍ମା ବିଗତ ବୈଠକର ବିବରଣୀ ପାଠ କରିଥିଲେ । ଆଗାମୀ ଦିନରେ ନୂତନ ଯୁବପୀଢ଼ିଙ୍କୁ ଦାୟିତ୍ୱ ଦେବା, ପ୍ରକାଶିତ ପୁସ୍ତିକା ବିଜ୍ଞାନ ମଧୁପର କଳେବରକୁ ବୃଦ୍ଧି ଓ ସୌନ୍ଦର୍ଯ୍ୟକରଣ, ଆଗାମୀ ନଭେମ୍ବର ଡିସେମ୍ବର ପୁସ୍ତିକାର ବଣ୍ଟନ ଦାୟିତ୍ୱ ଏବଂ ଏକ ବୈଠକ ଆଗାମୀ ଫେବୃୟାରୀ ୧୯ ରେ ଡାକିବା ପାଇଁ ସ୍ଥିରୀକୃତ ହୋଇଥିଲା। ସଭାରେ ପୂର୍ବତନ ସଭାପତି ସନାତନ ଠାକୁର, ପ୍ରଫେସର ତରୁଣ କୁମାର ମିଶ୍ର, ଯତିନ୍ଦ୍ର ମୋହନ ପାଠି, ଡ. ବି.ଏନ୍.ଶ୍ରୀକାନ୍ତ, ଚିତ୍ତ ପଟେଲ, ସରୋଜ ନାଏକ, ଆନନ୍ଦ ଚନ୍ଦ୍ର ବଡପଣ୍ଡା, ବାସନ୍ତି ସାହୁ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ । ଶେଷରେ ପ୍ରଫେସର ତରୁଣ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ବରିଷ୍ଠ ଶିକ୍ଷକ ସନ୍ତୋଷ ମାଝିଙ୍କ ପରଲୋକ

ସିନାପାଲି,୩୧।୧(ଡି.ଏନ.ଏ.): ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡା



ପଞ୍ଚାୟତ ତାଳଦର ପ୍ରାଥମିକ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ସନ୍ତୋଷ ମାଝି(୫୧)ଙ୍କ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପରଲୋକ ଘଟିଛି। ସେ କିଛି ବର୍ଷ ହେବ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କ ମୃତ୍ୟୁ ସମୟରେ ପୁଅ, ବୋହୂ, ସ୍ତ୍ରୀ ଉପସ୍ଥିତ ଥିଲେ। ନିଜ ଗାଁ ତାଳପଦର ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଚୌବନ ମାଝି ମୁଖାଗ୍ନି ଦେଇଥିଲେ। ମାଝି ଜଣେ ସରଳ, ନିଷ୍କପଟ, କର୍ତ୍ତବ୍ୟ ପରାୟଣ, ଛାତ୍ରବତ୍ସଳ ଶିକ୍ଷକ ଥିଲେ। ଅଞ୍ଚଳର ଜଣେ ବେଶ ଜଣାଶୁଣା ଶିକ୍ଷାବିତ ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସିନାପାଲି ଶିକ୍ଷକ ସଂଘ ସମେତ ବିଭିନ୍ନ ମହଲରେ ଶୋକ ପ୍ରକାଶ କରିଛନ୍ତି।

# ଜିଲାବାସୀଙ୍କ ଦୀର୍ଘବର୍ଷର ସ୍ୱପ୍ନ ପୂରଣ ହେବ

ଭବାନୀପାଟଣା,୩୧।୧(ସ୍ୱ.ପ୍ର.)

**ଉତ୍କେଳା ଏୟାରପୋର୍ଟ**

- ଏପ୍ରିଲ ସୁଦ୍ଧା ଉଡ଼ାଣ ନିମନ୍ତେ ଲାଇସେନ୍ସ ମିଳିବା ଆଶା
- ଡିଜିସିଏ ପ୍ରତିନିଧି ଟିମ୍ ଅନୁଧ୍ୟାନକୁ ଅପେକ୍ଷା




କଳାହାଣ୍ଡି ଜିଲାର ବହୁ ପ୍ରତୀକ୍ଷିତ ଉତ୍କେଳା ଏୟାରପୋର୍ଟରୁ ବିମାନ ଚଳାଚଳ ଆରମ୍ଭ ହେବ। ସରକାରଙ୍କ ଉଡ଼ାଣ ଯୋଜନାରେ ଏହାର ଭିତ୍ତିଭୂମି ପ୍ରସ୍ତୁତି ଶେଷ ହୋଇଛି। ବର୍ତ୍ତମାନ ଡିଜିସିଏ ପ୍ରତିନିଧି ଟିମ୍ ଅନୁଧ୍ୟାନକୁ କେବଳ ଅପେକ୍ଷା ରହିଛି। ଆସନ୍ତା ଫେବୃୟାରୀ ସୁଦ୍ଧା ଏହି ପ୍ରକ୍ରିୟା ଶେଷ ହୋଇଯିବ। ଡିଜିସିଏ ଅନୁଧ୍ୟାନ କରିବାର ଦେଢ଼ ମାସ ଅର୍ଥାତ ଏପ୍ରିଲ ସୁଦ୍ଧା ବିମାନ ଉଡ଼ାଣ ନିମନ୍ତେ ଲାଇସେନ୍ସ ମିଳିଯିବ ବୋଲି ଆଶା କରାଯାଉଛି। ପ୍ରକାଶ ଯେ, ଉତ୍କେଳା ଏୟାରଷ୍ଟ୍ରିପକୁ ଉଡ଼ାଣ ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ସାମିଲ ବିକାଶ କରାଯାଇଥିଲା। ଆବଶ୍ୟକ ଭିତ୍ତିଭୂମିର ନିମନ୍ତେ ଅନୁମତି ମିଳିବାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କ ସହ ବେସରକାରୀ ବିମାନ ଚଳାଚଳ ସମ୍ପୃକ୍ତ କର୍ତ୍ତୃପକ୍ଷ ପର୍ଯ୍ୟାୟକ୍ରମେ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଉଡ଼ାଣ ଯୋଜନାରେ ୧୬ କୋଟି ବ୍ୟୟରେ ଭିତ୍ତିଭୂମି ପ୍ରସ୍ତୁତ ସରିଥିବା ବେଳେ ୨-ବି ଲାଇସେନ୍ସ ପାଇଁ ପଦକ୍ଷେପ ନିଆଯାଇଛି। ଏହାସହ ବଡ଼ ଏୟାରପୋର୍ଟ ପାଇଁ ୫୫ କୋଟି ବ୍ୟୟର ଟେଣ୍ଡର ପରେ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହାର ଭିତ୍ତିଭୂମିରେ ରନୱେ ସମ୍ପ୍ରସାରଣ, ଟର୍ମିନାଲ ବିଲଡିଂ, ଷ୍ଟାଫ କ୍ୱାର୍ଟର୍ସ, ବାରାକ, ଅଗ୍ନିଶମ କାର୍ଯ୍ୟାଳୟ ଭଳି ଅନ୍ୟାନ୍ୟ ଆନୁଷଙ୍ଗିକ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ବର୍ତ୍ତମାନ ଡିଜିସିଏ ଟିମ ତାଙ୍କ ଶେଷ ପର୍ଯ୍ୟାୟ ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି। ଏୟାରଷ୍ଟ୍ରିପ୍ର ସୁରକ୍ଷା, ପାଣିପାଗ, ପାରିପାର୍ଶ୍ୱିକସ୍ଥିତି, ଆପାତକାଳୀନ ସ୍ଥିତିର ମୁକାବିଲା ଭଳି ବିଭିନ୍ନ ଦିଗରେ ଅନୁଧ୍ୟାନ ଓ ଭିତ୍ତିଭୂମିର ଯାଞ୍ଚ କରିବ। ଏହାସହ ସିଏସଏସ ଟିମ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିବ। ବିମାନ ଚଳାଚଳ ନିମନ୍ତେ ଭିତ୍ତିଭୂମି ପ୍ରସ୍ତୁତ ହୋଇ ସାରିଥିବା ନେଇ ସବୁଜ ସଙ୍କେତ ଦେଲେ ପରୀକ୍ଷାମୂଳକ ଭାବେ ଅଣନିର୍ଦ୍ଧାରିତ ବିମାନ ଚଳାଚଳ କରିବ। ଏୟାରପୋର୍ଟ ମାନ୍ୟତା ମିଳିବା ପରେ କଳାହାଣ୍ଡିରୁ ବିମାନ ନିୟମିତ ଚଳାଚଳ କରାଯିବ। ଡିଜିସିଏ ସର୍ବସାଧାରଣଙ୍କ ନିମନ୍ତେ ବିମାନବନ୍ଦର ଭାବେ ଲାଇସେନ୍ସ ପ୍ରଦାନ କରିବ। କଳାହାଣ୍ଡି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଅଜିତ ବାବୁଙ୍କ କହିବାନୁଯାୟୀ, ଦୀର୍ଘ ଦିନର କାର୍ଯ୍ୟ ଓ ପରିଶ୍ରମ ଶେଷ ହୋଇଛି। ଏୟାରଷ୍ଟ୍ରିପର ସମସ୍ତ କାର୍ଯ୍ୟର ଦସ୍ତାବିଜ ଡିଜିସିଏଙ୍କୁ ପଠାଯାଇଥିଲା। ଭୁବନେଶ୍ୱରରୁ ଏୟାରପୋର୍ଟ କର୍ତ୍ତୃପକ୍ଷ ଆସି ତାହାର ସମୀକ୍ଷା କରି ଫେରିଛନ୍ତି। ଆସନ୍ତା ମାସରେ ଡିଜିସିଏ ଚୂଡାନ୍ତ ଅନୁଧ୍ୟାନ କରିବେ। ଆଶା ଲାଇସେନ୍ସ ମିଳିଯିବ ବୋଲି ସେ କହିଛନ୍ତି।

# ବିକାଶ ଗ୍ରୁପ ଅଫ୍ ଇନ୍ଷ୍ଟିଚ୍ୟୁଟ୍‌ରେ ହାକାଥନ ପ୍ରତିଯୋଗିତା



ହାକାଥନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରାଛାତ୍ରୀ, ଅତିଥି।

ଭବାନୀପାଟଣା,୩୧।୧(ସ୍ୱ.ପ୍ର.)

ଭବାନୀପାଟଣା ବାଦୋପଲାସ୍ଥିତ ବିକାଶ ଗ୍ରୁପ ଅଫ ଇନ୍ଷ୍ଟିଚ୍ୟୁଟ୍‌ରେ ବିଜେନେସ ପ୍ଲାନ ହାକାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିକାଶ ଗ୍ରୁପ ଅଫ ଇନ୍ଷ୍ଟିଚ୍ୟୁଟ୍‌ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ନାଗେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ନିର୍ଦ୍ଦେଶକ ଡି. ଶ୍ୟାମ, ଡି. ରାମ ଉପସ୍ଥିତ ଥିବାବେଳେ ଅତିଥି ଭାବେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାଶ, ଡା. ନୃପରାଜ ସାହୁ, ଶ୍ରୀକାନ୍ତ ଦଳେଇ, ଡା. ହଳଧର ସାହୁ, ଡ଼ା. ସତ୍ୟ ସିଦ୍ଧାର୍ଥ ପଣ୍ଡା, ଡ଼ା. ଏଲ.ପି ପଣ୍ଡା, ଡ଼ା. ସମରେନ୍ଦ୍ର ନାଥ, ଡା. କ୍ଷୀରୋଦ ପ୍ରଧାନ, ଯୁବରାଜ ନାୟକ, ଦେବେନ୍ଦ୍ର ବିଶି ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀମାନଙ୍କ ମାର୍ଗ ଦର୍ଶନ କରାଇଥିଲେ। ସଫଳ ଉଦ୍ୟୋଗୀ ବିଭୁପ୍ରସାଦ ସାହୁ, ସୁଜିତ ମେହେର, ଦୀପକ ରଞ୍ଜନ ସାହୁ ପ୍ରମୁଖ ଉଦ୍ୟୋଗୀକ ଅଭିଜ୍ଞତା ବିଦ୍ୟାର୍ଥୀମାନଙ୍କ ସହ ଅଦାନପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ବହୁ ପ୍ରତିଷ୍ଠିତ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସେମାନଙ୍କ ବିଜନେସ ପ୍ଲାନ ଉପସ୍ଥାପନ କରିଥିଲେ। ଡା. ଆଦିତ୍ୟ କୁମାର ପଟ୍ଟନାୟକ, ଡା. ସୁଦୀପ୍ତ କୁମାର ଜେନା, ଅଧ୍ୟାପକ ଜ୍ଞାନରଞ୍ଜନ ମିଶ୍ର ଅଧ୍ୟାପିକା ଜ୍ୟୋତି ପଣ୍ଡା ପ୍ରମୁଖ ସଭା ପରିଚାଳନା କରିଥିଲେ । ପଶ୍ଚିମ ଓଡ଼ିଶାରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିବାରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

କେସିଙ୍ଗା/କୋକସରା/ନର୍ଲା, ୩୧।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସି ଗ୍ରାମପଞ୍ଚାୟତରେ ସରପଞ୍ଚ ଭାରତୀ ସୁନାଙ୍କ ନେତୃତ୍ୱରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୯୩ଜଣ ହିତାଧିକାରୀଙ୍କ ମଧ୍ୟରୁ ୪୪୮ଜଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ୪୬ଜଣ ବାର୍ଦ୍ଧକ୍ୟଭତ୍ତା, ୨୩ଜଣ ଖାଉଟି କାର୍ଡ, ୬୪ଜଣ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ୧୨ଜଣ ଅନ୍ୟ ଅଭିଯୋଗ କରିଥିଲେ। ୨୫ଜଣଙ୍କ ବିଭିନ୍ନ ସମସ୍ୟା ସମାଧାନ କରାଯାଇଛି। ଶିବିରରେ ବିଡିଓ ପ୍ରଫୁଲ୍ଲ କୁମାର ଅଦୁଙ୍କ ସମେତ ଜିପିଓ ଜୟନ୍ତ ମୁଣ୍ଡ, ଯୋଗାଣ ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁ, ପିଇଓ ନରହରି ଭୋଇ, ଜିଆରଏସ ନିତେସ ସାହା, ଯୋଗାଣ ସହାୟକ ଭାଗିରଥି ସାହୁ, ୱାର୍ଡମେମ୍ବର ପଦ୍ମନାଭ ସାହୁଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ପ୍ରମୁଖ ଯୋଗଦେଇଥିଲେ। କୋକସରା ଗ୍ରାମପଞ୍ଚାୟତରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱରେ ବିଡିଓ ଉତ୍ତମ କୁମାର ବାଗ, ପଞ୍ଚାୟତ ସମିତି ସଭ୍ୟା ଗାୟତ୍ରୀ



କେସିଙ୍ଗା ବ୍ଲକ ବାଲସି ଗ୍ରାମପଞ୍ଚାୟତରେ ଲୋକମାନେ ଅଭିଯୋଗ କରୁଛନ୍ତି।

ପଣ୍ଡା, ନାଏବ ସରପଞ୍ଚ ଖେଲୋନୀ ନାଗ, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦାମୋଦର ବିଶ୍ୱାଳ, ଜିପିଇଓ ନାରାୟଣ ଭୋଇ, ବିଏସ ଏସ ଓ ସେକ୍ସନର ସୁନ୍ଦର ନାଏକ, କୃଷି ଅଧିକାରୀ ହେମାନନ୍ଦ ମାଝି, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଆବାସ ଘର, ପିଡିଏସ, ଭତ୍ତା, ରାସ୍ତାଘାଟ, ଜମି ମରାମତି, ମାର୍କେଟ କମ୍ପ୍ଲେକ୍ସ ମରାମତି ଓ ରକ୍ଷଣା ବେକ୍ଷଣ ଏଭଳି ୩୯୧ଟି ଅଭିଯୋଗ ହୋଇଥିଲା। ହିତାଧିକାରୀଙ୍କ ଅଭିଯୋଗର ସମାଧାନ କରିବା ଦିଗରେ ପ୍ରୟାସ କରାଯିବା ନେଇ ଉପସ୍ଥିତ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭବିଷ୍ୟ ପଟେଲ, ଜିଆର ଏସ ଅଶୋକ ଠାକୁର, ଯୋଗାଣ ସହାୟକ ଦୟାନିଧି ଶବର ଓ ପଞ୍ଚାୟତ କର୍ମଚାରୀମାନେ ସହଯୋଗ କରିଥିଲେ। ନର୍ଲା ବ୍ଲକ ଘଣ୍ଟମାଲ ପଞ୍ଚାୟତରେ ନର୍ଲା ପଞ୍ଚାୟତ ସମିତି ପକ୍ଷରୁ ଯୁଗ୍ମଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଡିଓ ବାସନ୍ତୀ ସେଠୀ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ତହସିଲଦାର, ବ୍ଲକ ଉପାଧକ୍ଷ, ସ୍ଥାନୀୟ ସରପଞ୍ଚଙ୍କ ସହ ବ୍ଲକ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ଏଥିରେ ୨୬୭ଜଣ ହିତାଧିକାରୀ ନିଜର ଅଭିଯୋଗ ଦାଖଲ କରିଥିଲେ।

### ଶ୍ରୀରାମ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

କୋକସରା,୩୧।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକର ପର୍ଯ୍ୟଟନ ସ୍ଥଳୀ ଗୁଡହାଣ୍ଡି ଡୋକାରିଚଞ୍ଚରାରେ ଆସନ୍ତା ଶ୍ରୀରାମ ନବମୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ କମିଟି ସଭାପତି ଭଦରେଶ୍ୱର ପାତ୍ରଙ୍କ ଅଧ୍ୟକ୍ଷତାରେ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ମହିମା ସରପଞ୍ଚ ଇଶରାମ କୋଲଥିଆ, ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ, ଉପସଭାପତି ଘନଶ୍ୟାମ ନାଏକ, ଅଇରୀ ନାସନ ଚିନ୍ଦା, ଚକାଡୋଳା ପାତ୍ର, ସୁଧୀର ପାତ୍ର, ସଞ୍ଜୟ ସିଙ୍ଘଲ, ସୁରେଶ ଅଗ୍ରୱାଲ, ଘନଶ୍ୟାମ ନାଏକ, ଗୋବିନ୍ଦ ପାଟଯୋଷୀ, ଦିଲୀପ ଯୋଷୀଙ୍କ ସମେତ ଅନେକ କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରୀରାମ ନବମୀ ମହୋତ୍ସବ ପାଇଁ ଆଲୋଚନା କରିଥିଲେ। ଆସନ୍ତା ୨୨ ମାର୍ଚ୍ଚରୁ ୬ ଏପ୍ରେଲ ପର୍ଯ୍ୟନ୍ତ ୧୫ଦିନ ଧରି ମହୋତ୍ସବ ଆୟୋଜନ ପାଇଁ ଆଲୋଚନା ହୋଇଥିବା ଜଣାପଡିଛି ।

# ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟ ଅଧକ୍ଷା ଅର୍ଚ୍ଚନା ଅଗ୍ରୱାଲଙ୍କୁ ଅନ୍ତଃରାଷ୍ଟ୍ରୀୟ ଶିକ୍ଷା ଶ୍ରେଷ୍ଠତା ପୁରସ୍କାର




ଅର୍ଚ୍ଚନା ଅଗ୍ରୱାଲଙ୍କୁ ଅନ୍ତଃରାଷ୍ଟ୍ରୀୟ ଶିକ୍ଷା ଶ୍ରେଷ୍ଠତା ପୁରସ୍କାର ପ୍ରଦାନ କରାଯାଉଛି।।

କେସିଙ୍ଗା,୩୧।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ କେନ୍ଦୁପଡାସ୍ଥିତ ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟ ଅଧକ୍ଷ୍ୟା ଅର୍ଚ୍ଚନା ଅଗ୍ରୱାଲଙ୍କୁ ଅନ୍ତଃରାଷ୍ଟ୍ରୀୟ ଶିକ୍ଷା ଶ୍ରେଷ୍ଠତା ପୁରସ୍କାର-୨୦୨୩ ପ୍ରଦାନ କରାଯାଇଛି। କଲମ୍ବୋଠାରେ ଭାରତ-ଶ୍ରୀଲଙ୍କା ଶିକ୍ଷା ଶିଖର ସମ୍ମିଳନୀ ତଥା ପୁରସ୍କାର ସମାରୋହର ୨ୟ ଅଧିବେଶନରେ ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟ ସମୂହର ପ୍ରତିଷ୍ଠାତ୍ରୀ ତଥା ଅଧକ୍ଷା ଅର୍ଚ୍ଚନା ଅଗ୍ରୱାଲ ଏହି ପୁରୁସ୍କାର ପ୍ରଦାନ କରାଯାଇଛି। କଲମ୍ବୋଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଗତ ୨୮ତାରିଖରେ ଶ୍ରୀଲଙ୍କା ଶିକ୍ଷା ମନ୍ତ୍ରୀ ଏ. ଅରବିନ୍ଦ କୁମାରଙ୍କଠାରୁ ଅଗ୍ରୱାଲ ଅନ୍ତଃରାଷ୍ଟ୍ରୀୟ ଶିକ୍ଷା ଶ୍ରେଷ୍ଠତା ପୁରସ୍କାର ୨୦୨୩ ଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀଲଙ୍କା ପ୍ରଯୁକ୍ତି ବିଜ୍ଞାନ ମନ୍ତ୍ରୀ କନକ ହେରାଥ, ଶ୍ରୀଲଙ୍କା କ୍ୟାବିନେଟ ନ୍ୟାୟ ମନ୍ତ୍ରୀ ଡା ବିଜୟ ଦାସ ରାଜପକ୍ଷେ ଏବଂ ଭାରତ ଶ୍ରୀଲଙ୍କା ଫୋରମ ଅଧକ୍ଷ କିଶୋର ଡି.ରେଞ୍ଜୀ ଉପସ୍ଥିତ ଥିଲେ। ଏହି ପୁରୁସ୍କାର ପାଇଁ ବିଭିନ୍ନ ମାପଦଣ୍ଡର ଆଧାରରେ ୫୦ଟି ଶିକ୍ଷା ସଂସ୍ଥାନକୁ ବଛାଯାଇଥିଲା। ଶିକ୍ଷା କ୍ଷେତ୍ରରେ ସେମାନଙ୍କ ବହୁମୂଲ୍ୟ ଯୋଗଦାନ ପାଇଁ ସମ୍ମାନିତ କରାଯାଇଥିଲା। ଶିଖର ସମ୍ମିଳନୀର ଆୟୋଜକ ସେହି ୫୦ଟି ଶିକ୍ଷା ସଂସ୍ଥାନର ଭାବନାକୁ ସମ୍ମାନିତ କରି ସେମାନଙ୍କୁ ଅଗଣିତ ଛାତ୍ରୀଛାତ୍ରଙ୍କ ଜୀବନକୁ ପରିବର୍ତ୍ତନ କରିବା ସହିତ ସେହି ଛାତ୍ରୀଛାତ୍ରଙ୍କୁ ସଫଳତା କ୍ଷେତ୍ରରେ ଅଗ୍ରସର କରାଇଛନ୍ତି। ଏହି ପୁରୁସ୍କାରରେ ଅର୍ଚ୍ଚନା ଅଗ୍ରୱାଲ ସମ୍ମାନିତ ହେବା ପରେ ସମଗ୍ର ଜିଲାରେ ଆନନ୍ଦର ଲହରୀ ଖେଳିଯାଇଛି ଏବଂ ଶୁଭେଚ୍ଛୁମାନଙ୍କ ଅଭିନନ୍ଦନର ସୁଅ ଛୁଟୁଛି।

# କର୍ଲାମୁଣ୍ଡାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବିପତ୍ର

କର୍ଲାମୁଣ୍ଡା,୩୧।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ବସ୍‌ଷ୍ଟାଣ୍ଡ ନ ଥିବାରୁ ଜନସାଧାରଣ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏ ନେଇ ମଙ୍ଗଳବାର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବିବେକ ସେନାର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଶିବରାମ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ କର୍ଲାମୁଣ୍ଡା ତହସିଲଦାର ମିଳନ କୁମାର ଝାଙ୍କରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶୀଘ୍ର ବସଷ୍ଟାଣ୍ଡ ତିଆରି ପାଇଁ ସେମାନେ ଅନୁରୋଧ କରିଥିଲେ। ଏଥିରେ ବିବେକ ସେନା ଜିଲା ସମ୍ପାଦକ ପ୍ରେମାନନ୍ଦ ପାତ୍ର, ବ୍ଲକ ସଭାପତି



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଧରଣୀ ସାହୁ, ବ୍ଲକ ସମ୍ପାଦକ ଦଶରଥ ସାହୁ, ବରିଷ୍ଠ ସଦସ୍ୟ ବାବୃବାହାନ ରଣା, ସୁଶାନ୍ତ ନାଏକ, ପିଣ୍ଟୁ ବଗର୍ତ୍ତି ଓ ସୁମନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

### ମନ୍ତ୍ରୀ ନବ ଦାସଙ୍କ ବିୟୋଗରେ ଶୋକସଭା

କର୍ଲାମୁଣ୍ଡା,୩୧।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିଜେଡି ପକ୍ଷରୁ ସୋମବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସଙ୍କ ବିୟୋଗରେ ଏକ ଶୋକସଭା ବ୍ଲକ ସଭାପତି ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ଯୁବ ବିଜେଡି ସଭାପତି ସଂଗୀତ ଭୋଇ, ଛାତ୍ର ବିଜେଡି ସଭାପତି ସଲିମ ଶେଖର ରଣା, ଜିଲା ସମ୍ପାଦକ ଶ୍ରୀନିବାସ ମିଶ୍ର, ପୌରକେଲା ସରପଞ୍ଚ ଯଶୋସ୍ୱିନୀ ଧରୁଆ, ସ. ମାଲପଡା ସରପଞ୍ଚ ବରୁଣ ସୁନା, ପୂର୍ବତନ ସମିତି ସଭ୍ୟ ସୀମାଞ୍ଚଳ ଭୋଇ, ଦୀନବନ୍ଧୁ ସାହ, ବିରଞ୍ଚି ରଣା, କୈଳାଶ ରଣା, ବବଲୁ ଦଣ୍ଡସେନାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ।

# ପାଣି ପଞ୍ଚାୟତ ପକ୍ଷରେ ବିଭିନ୍ନ ପ୍ରତିଯୋଗିତା

ନର୍ଲା,୩୧।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ସରକାର ଜଳ ସମ୍ପଦ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଳ ସମ୍ପଦ ବିଭାଗ ଅଧିକାରୀ ପ୍ରଶାନ୍ତ ପଣ୍ଡା, ନରେନ୍ଦ୍ର ଛତ୍ରିଆ, କନିଷ୍ଠ ଯନ୍ତ୍ରୀ ରେଞ୍ଜୋ ନାଏକ, ସତ୍ୟ ବ୍ରତ ତ୍ରିପାଠୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ମାଝି ଏବଂ ସହପ୍ରଧାନ ଶିକ୍ଷକ ତେଜରାଜ ସାହୁ ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଶତ୍ରୁଘ୍ନ ସେଠୀ, ବିନୟ କୁମାର ଦାସ, ବିଶି କେଶନ ସୁନା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନର୍ଲା ବ୍ଲକରୁ ୧୮ଜଣ ଏବଂ ଲାଞ୍ଜିଗଡ ବ୍ଲକରୁ ୮ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜଳ ସମ୍ପଦ କାର୍ଯ୍ୟକ୍ରମ ଉପରେ ବକ୍ତୃତା, ଚିତ୍ରାଙ୍କନ, ଓଡ଼ିଆ ପ୍ରବନ୍ଧ ଓ କୁଇଜ ପ୍ରତିଯୋଗୀତା ହୋଇଥିଲା। ପ୍ରତିଯୋଗିତାରେ ଜଳ ସମ୍ପଦ ବିଭାଗ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କର ପ୍ରଦାନ କରାଯାଇଥିଲା।



ପାଣି ପଞ୍ଚାୟତ ପକ୍ଷରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଜଣେ ଛାତ୍ରୀ।

# ମଣ୍ଡିରେ ପଡ଼ିଛି ୨ ଲକ୍ଷରୁ ଊର୍ଦ୍ଧ୍ୱ ଧାନବସ୍ତା

ନୂଆପଡ଼ା ଅଫିସ,୩୧।୧

ନୂଆପଡା ଜିଲାରେ ମଣ୍ଡି ଖୋଲିବାର ପ୍ରାୟ ଦୁଇ ମାସ ବିତିଯାଇଥିଲେ ମଧ୍ୟ ମଣ୍ଡି ସମସ୍ୟା ଲାଗି ରହିଛି। ବର୍ତ୍ତମାନ ସୁଧା ଜିଲାର ବିଭିନ୍ନ ମଣ୍ଡିରେ ୨ ଲକ୍ଷ ବସ୍ତା ଧାନ ପଡି ରହିଛି। ସୂଚନା ତାଉକି ୨୦୨୨ ନଭେମ୍ବର ୩ରେ ଜିଲା ମଣ୍ଡି ଆରମ୍ଭ ହୋଇଥିଲା। ଜିଲାରେ ମୋଟ ୪୧ ହଜାର ୪୯୩ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଥିଲେ। ସେହି ମୁନତାବକ ଚାଷୀଙ୍କୁ ଟୋକନ ମଧ୍ୟ ଦିଆଯାଇଥିଲା। ହେଲେ ବର୍ତ୍ତମାନ ସମୟରେ ଚାଷୀ ନିକଟରେ ଟୋକନ ଅଛି। କିନ୍ତୁ ସରକାରଙ୍କ ନିକଟରେ ଲକ୍ଷ୍ୟ ଧାର୍ଯ୍ୟ ନାହିଁ। ଏବେ ସୁଧା ଜିଲାରେ ପ୍ରାୟ ୩୭ ହଜାର ୭୫୧ଜଣ ଚାଷୀଙ୍କ ୧୮ ଲକ୍ଷ ୫୨ ହଜାର ୧୪୮ କୁଇଣ୍ଟାଲ ୫୮ କିଲୋଗ୍ରାମ ଧାନ ବିକ୍ରୟ ହୋଇସାରିଛି। ୩ ହଜାର ୭୬୦ଜଣ ଚାଷୀଙ୍କ ଟୋକନ ବାକି ରହିଛି। ଏବେ ବି ବିଭିନ୍ନ ମଣ୍ଡିରେ



ମଣ୍ଡିରେ ଧାନବସ୍ତା ପଡ଼ିରହିଛି।

ପ୍ରାୟ ୧୬ ଶହ ୭୬ ଜଣ ଚାଷୀଙ୍କ ପ୍ରାୟ ୨ ଲକ୍ଷ ବସ୍ତା ଧାନ ପଡିରହିଥିବା ବେଳେ କିଛି ଚାଷୀ ଛତିଶଗଡ ମୁହାଁ ହେବାକୁ ବସିଲେଣି। ଏହା ବ୍ୟତିତ୍ୱ କିଛି ଚାଷୀ ମିଲ ମାଲିକମାନଙ୍କୁ ଅଳ୍ପ ଦରରେ ଧାନ ବିକ୍ରୟ କରୁଥିବା ମଧ୍ୟ ନଜିରକୁ ଆସିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ସରକାର ଚାଷୀଙ୍କୁ ଟୋକନ ଦେଇଛ। ତେବେ ସରକାର ଏହା ଭଲ ଭାବେ ଜାଣିଛନ୍ତି। ଜିଲାରେ କେତେ ପରିମାଣରେ ଧାନ ଚାଷ ହୋଇଛି। କିନ୍ତୁ ତାହା ପରିବର୍ତ୍ତେ ଚାଷୀଙ୍କୁ ଠକିବା ପାଇଁ ମସୁଧା ଚାଲିଛି। ଅନ୍ୟପଟେ ଜିଲାର ମିଲର୍ସମାନେ ମଧ୍ୟ ଏବର୍ଷ ଅଧିକ ପରିମାଣରେ ସିକ୍ୟୁରିଟି ଡିପୋଜିଟ ଦେଇ କ୍ରୟ କରିବାକୁ କମ ଲକ୍ଷ୍ୟ ଧାର୍ଯ୍ୟ ପାଇଥିବା ଅଭିଯୋଗ କରିଛନ୍ତି। ଜିଲାର ମୋଟ ୨୮ମିଲର୍ସ ଧାନ କ୍ରୟ ପାଇଁ ଅଂଶ ଗ୍ରହଣ କରିଛନ୍ତି। ଚଳିତବର୍ଷ ପ୍ରାୟ ସୁରୁଖୁରୁରେ ଧାନ ଉଠା ଯାଉଥିଲା। କିନ୍ତୁ ଶେଷ ମୁହୁର୍ତ୍ତରେ ବରଗଡ ମିଲର୍ସମାନଙ୍କୁ ନୂଆପଡାରେ ଧାନ କିଣିବା ପାଇଁ ଅନୁମତି ଦିଆଯାଇଥିଲା। ତେବେ ନୂଆପଡା ମିଲର୍ସଙ୍କ ସିକ୍ୟୁରିଟି ଡିପୋଜିଟ ବର୍ତ୍ତମାନ ସୁଧା ବାକି ରହିଛି। ରେଣ୍ଟୁ ସରକାର ଉଭୟ ମିଲର୍ସ ଓ ଚାଷୀଙ୍କ ସହ ଖେଳୁଥିବା ସାଧାରଣରେ ଚର୍ଚ୍ଚା ହେଉଛ। ଏପରି କି ବର୍ତ୍ତମାନ ସମୟରେ ଏଫସିଆଇରେ ଜାଗା ନ ଥିବାରୁ ଏଫସିଆଇ ପକ୍ଷରୁ ଚାଉଳ ଉଠାଣ ହେଉ ନ ହେଉଥିବାରୁ ମିଲର୍ସମାନେ ନିଜ ମିଲରେ ଧାନ ସହ ଚାଉଳ ଗଚ୍ଛିତ ରଖିବାକୁ ବାଧ୍ୟ ହୋଇଛନ୍ତି। ଏସବୁ ମଧ୍ୟରେ ନୀରିହ ଚାଷୀ ସବୁଠାରୁ ଅଧିକ କଷ୍ଟ ପାଉଛି। ଖରା ବର୍ଷାରେ କଷ୍ଟ କରି ଚାଷୀ ଧାନ ଉପାର୍ଜନ କରୁଛି। ମଣ୍ଡିରେ ଧାନ ବିକ୍ରୟ ସମୟରେ ମଧ୍ୟ ଶୀତ କାକରରେ ରାତ୍ରିଦିନ ଜଗି ରହୁଛି।

### ଡ୍ରେନ ସଫେଇରେ ବିଳମ୍ବ ନେଇ ଅସନ୍ତୋଷ

ଦେଓଗାଁ,(ଡି.ଏନ.ଏ.): ଦେଓଗାଁ ବ୍ଲକ ସଦର ପଞ୍ଚାୟତରେ ଥିବା ଡ୍ରେନ ସଫେଇ ହେଉନାହିଁ। ମେନରୋଡ ଦୁର୍ଗାମଣ୍ଡପଠାରୁ ଟାଙ୍ଗର ଛକ ପର୍ଯ୍ୟନ୍ତ ଡ୍ରେନରେ ମଇଳା ଭର୍ତ୍ତିହୋଇ ପାଣି ରାସ୍ତାରେ ଭାଶୁଛି । ମଶା ଓ ମାଛି ପ୍ରାଦୁର୍ଭାବରେ ପଡାବାସୀ ଅତିଷ୍ଠ ହେଉଛନ୍ତି। ଏ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ମଙ୍ଗଳବାର ଗ୍ରାମର ସୁନୀଲ ଅଗ୍ରୱାଲ ତାଙ୍କ ଘର ସମ୍ମୁଖରେ ଥିବା ଡ୍ରେନକୁ ଶ୍ରମିକ ଲଗାଇ ସଫେଇ କରିଛନ୍ତି । ପିଇଓ ହେମନ୍ତ କୁମାର ବିଭାରଙ୍କୁ ପଚାରିବାରୁ ସରପଞ୍ଚଙ୍କ ସହ ଆଲୋଚନା କରି ଏଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ସଂକ୍ଷେପରେ

### ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ପିତୃ ବିୟୋଗ

ଅମରପାଲି,୩୧।୧(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ରଞ୍ଜିତ ରଥଙ୍କ ପିତା ପଣ୍ଡିତ କଳାକାର ରଥଙ୍କ ସୋମବାର ବିଳମ୍ବିତ ରାତ୍ରିରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା । ତାଙ୍କ ଜନ୍ମ ଗ୍ରାମ



ନୂଆଁଗଡରେ ଅନ୍ତିମ ସଂସ୍କାର କରାଯାଇଥିଛି। ପୁତ୍ର ରଞ୍ଜିତ ରଥ ମୁଖାଗ୍ନି ଦେଇଥିଲେ। ସର୍ଗତ ରଥ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲା ସମେତ ରେଢାଖୋଲ ଓ ଆଠମଲ୍ଲିକ ଅଞ୍ଚଳରେ ଜଣେ ପଣ୍ଡିତ ଭାବେ ଜଣାଶୁଣା ଥିଲେ। ସେ ନୂଆଁଗଡ ଗ୍ରାମର ରାମଲୀଳା ନାଟକରେ ଦୀର୍ଘ ଦିନ ଧରି ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ସର୍ଗତ ରଥଙ୍କ ସ୍ତ୍ରୀ ଦୃତିକା, ଭାଇ ଦିଲେଶର, ପୁତୁରା ସୁଜିତ, ୫ ଝିଅ ଜ୍ୱାଇଁଙ୍କୁ ଛାଡ଼ି ଯାଇଛନ୍ତି। ତାଙ୍କର ଅନ୍ତିମ ସଂସ୍କାରରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା, ଆଇନଜୀବୀ ଶ୍ରୀନିବାସ ଚାନ୍ଦ, ଓକିଲ ସଂଘ ସଭାପତି ଯତୀନ ପାଣିଗ୍ରାହୀ, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦୀ, ତୁଳସୀଦାସ ହୋତା, ଚନ୍ଦ୍ରେଶର ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ସ୍ୱର୍ଗତ ରଥଙ୍କ ବିୟୋଗରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ବ୍ରାହ୍ମଣ ପରିଷଦ ସଭାପତି ଭଗବାନ ମିଶ୍ର, ଜଗନ୍ନାଥ ମନ୍ଦିର ଟ୍ରଷ୍ଟି ସଭାପତି ବିଷ୍ଣୁଚରଣ ନନ୍ଦିଘୋଷ ପଣ୍ଡା, ଆଧାତ୍ମିକ ପରିଷଦ ସଭାପତି ଯୁଗଳ ମିଶ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

ପାଇକମାଲ, ୩୧।୧(ଡି.ଏନ.ଏ.): ବରଗଡ ଜିଲା ପାଇକମାଲ ସରକାରୀ ଆୟୁର୍ବେଦ ଚିକିତ୍ସାଳୟ ପରିସରରେ ଡା. ମାନଭଞ୍ଜନ ପଣ୍ଡାଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଚିକିତ୍ସାଳୟର ଉପ ଅଧୀକ୍ଷକ ଡା. ଶରତ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଉପଅଧୀକ୍ଷକ ଡା. ପ୍ରଦୀପ ଦୋରା ମୁଖ୍ୟ ଅତିଥି, ମାତୃ ପ୍ରସାଦ ରଥ, ପ୍ରକୃତି ବନ୍ଧୁ ବଡ ଶତପଥୀ, ଶଙ୍କର ପ୍ରସାଦ ଦାସ, ଡା. ଶ୍ରୀକାନ୍ତ ରାଉତ, ଡା. ରତନ ଅଗ୍ରୱାଲ, ସୁରଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡା. ଲେବିୟ ସାଗର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଡାକ୍ତରଖାନା ପରିସରରେ ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ଚିକିତ୍ସାଳୟ କର୍ମଚାରୀ ଡା. ନିରୁପମା ନାୟକ, ସୁବଳ ସାହୁ, ସୌକିଲାଲ ସେଠ, ଦୁର୍ଯ୍ୟୋଧନ ସେଠ, ସଞ୍ଜୟ ସାମଲ, ମନବୋଧ ପ୍ରଧାନ, ନିର୍ମଳ ବେହେରା, ସୁରୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଅବସର ନେଉଥିବା ଡା. ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଶେଷରେ ଡା. ମୁରଲୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ନିର୍ଦ୍ଧାରିତ ସମୟରେ କାମ ସାର’

## ପନେସରା-କେଉଁଟିପାଲି ଘେଷରା ନାଳରେ ବିଜୁ ସେତୁ ନିର୍ମାଣ

- କ୍ଷେତ୍ର ପରିଦର୍ଶନ ବେଳେ ବିଭାଗୀୟ ଯନ୍ତ୍ରୀଙ୍କୁ ବିଧାୟକଙ୍କ ପରାମର୍ଶ
- ଜମି ହରାଉଥିବା ଚାଷୀଙ୍କୁ ତ୍ୱରିତ କ୍ଷତିପୂରଣ ଦେବାକୁ କହିଲେ

ଲୋଇସିଂହା,୩୧।୧(ଡି.ଏନ.ଏ.)



ଚାଷୀ ଓ ବିଭାଗୀୟ ଅଧିକାରୀଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପନେସରାରୁ କେଉଁଟିପାଲିକୁ ସଂଯୋଗକୁ କରୁଥିବା ଘେଷରା ନାଳ ଉପରେ ବିଜୁ ସେତୁ ନିର୍ମାଣ ହେଉଛି। ମଙ୍ଗଳବାର ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ନିର୍ମାଣସ୍ଥଳ ପରିଦର୍ଶନ କରିଥିଲେ। ନିର୍ଦ୍ଧାରିତ ସମୟରେ ସେତୁ ଏବଂ ରାସ୍ତା କାମ ସାରିବାକୁ ବିଭାଗୀୟ ଏସ୍‌ଡିଓ ଗଜେନ୍ଦ୍ର ପଧାନ ଓ ଯନ୍ତ୍ରୀ ବିଧାନ ନାୟକଙ୍କୁ ଏହି ଅବସରରେ ସେ ନିର୍ଦ୍ଦେଶ ଦେଇଥିଲେ। ଏହାବାଦ ପୋଲର ଉଭୟ ପାର୍ଶ୍ୱରେ ରାସ୍ତା ପାଇଁ ଜମି ହରାଉଥିବା ଚାଷୀମାନେ କିପରି ଉପଯୁକ୍ତ କ୍ଷତିପୂରଣ ପାଇ ପାରିବେ ସେ ନେଇ ଆନୁସଙ୍ଗିକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ପୋଲ କାମ ଅଧା ସରିଥିଲେ ମଧ୍ୟ ସୂଚନା ଫଳକରେ କିଛି ସୂଚନା ନ ଥିବାରୁ ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ଉପରେ ଖପ୍ପା ହୋଇଥିଲେ। ଅପରପକ୍ଷେ ଜନସାଧାରଣଙ୍କ ଗମନାଗମନ ଦୃଷ୍ଟିକୋଣରୁ ରାସ୍ତା ପାଇଁ ଚାଷୀମାନେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ ।

୫ କୋଟି ୯୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ନାଳରେ ବିଜୁ ସେତୁ ଯୋଜନାରେ ସେତୁ ନିର୍ମାଣ ପାଇଁ ୪ ଜାନୁୟାରୀ ୨୦୨୨ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାପରେ ପୋଲ କାମ ଆରମ୍ଭ ହୋଇଯାଇଛି। ୨୪ ଫୁଟ ପ୍ରଶସ୍ତର ୫ଶହ ମିଟର ରାସ୍ତା ନିର୍ମାଣ କରାଯିବ। ପୋଲ ସଂଲଗ୍ନ ରାସ୍ତାର ପ୍ରଶସ୍ତ ୩୦ ମିଟରରୁ ଅଧିକ ରହିବ। ଏଥିପାଇଁ ପନେସରା ୧୦ ଏବଂ କେଉଁଟିପାଲି ଗ୍ରାମର ୫ଜଣ ଚାଷୀଙ୍କ ଜମିରେ ରାସ୍ତା ନିର୍ମାଣ ହେବ। ଏଥିପାଇଁ ମଙ୍ଗଳବାର ଜମି ଡିମାର୍କେସନ କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଓ ଚାଷୀଙ୍କ ଉପସ୍ଥିତିରେ ରାଜସ୍ୱ କର୍ମଚାରୀ ରାସ୍ତା ଅନୁଯାୟୀ ଜମି ମାପଚୁପ କରିଥିଲେ। ରାସ୍ତା ପାଇଁ ଜମି ହରାଉଥିବା ଚଷୀମାନେ କ୍ଷତିପୂରଣ ପାଇବା ପାଇଁ ଉତ୍ତରାଧିକାରୀ ପ୍ରମାଣପତ୍ର ବାଧକ ସାଜୁଥିବା ଅଭିଯୋଗ କରିଥିଲେ। ଡାକ୍ତରଖାନା ଏବଂ ତହସଲିରେ ସେମାନଙ୍କୁ ହଇରାଣ ହରକତ ହେବାକୁ ପଡୁଥିବା ନେଇ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏବଂ ରାଜସ୍ୱ ଅଧିକାରୀଙ୍କୁ ଏଦିଗରେ ପଦକ୍ଷେପ ନେବାକୁ ବିଧାୟକ କହିଥିଲେ।

## କବିତା ସଙ୍କଳନ ସମ୍ମୋହନ ଲୋକାର୍ପିତ

ବଲାଙ୍ଗୀର ଅଫିସ, ୩୧।୧

କବୟିତ୍ରୀ ସବିତା ମହରାଙ୍କ ତୃତୀୟ କବିତା ସଙ୍କଳନ ସମ୍ମୋହନର ଶୁଭ ଲୋକାର୍ପଣ ବଲାଙ୍ଗୀର ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଛି। ପ୍ରଥମ ଅଧିବେଶନରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଆନନ୍ଦପୁର ସାହିତ୍ୟ ସଂସଦ ସମ୍ପାଦକ ପ୍ରଫେସର ଗଦାଧର ମିଶ୍ର, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟା, ଡା. ଜ୍ୟୋତିର୍ମୟୀ ସାହୁ, କଥାଶିଳ୍ପୀ ମଳୟ ମିଶ୍ର ଅତିଥି ଭାବେ ଯୋଗଦେଇ କବୟିତ୍ରୀ ମହରାଙ୍କ କବିତା ସଙ୍କଳନ ସମ୍ମୋହନକୁ ପାଠକମାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ। କବି ସନ୍ଦୀପ କୁମାର କୁଅଁର ପରିଚାଳନାରେ ଅନୁଷ୍ଠିତ ଏହି ସମାରୋହରେ କବି ପୁସ୍ତମ ଜୁଆଡି ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। କବୟିତ୍ରୀ ମହରା ତାଙ୍କ କାବ୍ୟଭାବର ସ୍ଫୁରଣ ଓ ପାଠକୀୟ ଆଶା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କବିତା ସଙ୍କଳନର ଲୋକାର୍ପଣ ପରେ କବି ରାଜୀବ ଲୋଚନ ଆଚାର୍ଯ୍ୟ, ପୁସ୍ତମ ଜୁଆଡି, ସସ୍ମିତା ନେପାକ, ରାଜୀବ ପ୍ରସାଦ ଭୋଇ ସଙ୍କଳନର କବିତା ଆବୃତ୍ତି କରିଥିଲେ। ରତ୍ନମୟ ତ୍ରିପାଠୀ ସଙ୍କଳନର ଏକ ସମୀକ୍ଷାତ୍ମକ ଉପସ୍ଥାପନା କରିଥିଲେ। ଏହି ଅବସରରେ କବୟିତ୍ରୀ ମହରାଙ୍କ ବାପା ବିଦ୍ୟାଧର ମହରା ଓ ମାତା ସୁମତୀ ମହରା ମଞ୍ଚାସୀନ ଥିଲେ। ବିଭୁ କଲ୍ୟାଣ ଗଡତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ନାଟ୍ୟଭୂଷଣ ଛୁରିଆ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରାଧାପକ ପ୍ରବୀର ସେନାପତି ମଞ୍ଚାସୀନ ହୋଇଥିଲେ। କବି ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ସଂଯୋଜନାରେ ଅର୍ଦ୍ଧ ଶତାଧିକ କବି ଓ କବୟିତ୍ରୀ ସ୍ୱରଚିତ ଓଡିଆ, କୋଶଲୀ, ହିନ୍ଦୀ ଓ ଇଂଲିଶ କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ତହଁକ କୁଟୁମ ପକ୍ଷରୁ କବୟିତ୍ରୀ ସବିତା ମହରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ତୃତୀୟ ଲିଙ୍ଗୀଙ୍କ ସାମ୍ବିଧାନିକ ଅଧିକାର ନେଇ ଆଲୋଚନା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଅମରପାଲି,୩୧।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୈତ୍ରୀ ସଦନରେ ମଙ୍ଗଳବାର ତୃତୀୟ ଲିଙ୍ଗୀଙ୍କ ସାମ୍ବିଧାନିକ ଅଧିକାରକୁ ନେଇ ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ତାଲୁକ ଆଇନ ସେବା ପ୍ରାଧିକରଣ କମିଟି ତରଫରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ବୀରମହାରାଜପୁର ସବଜଜ୍ ମୋନାଲିସା ପଟ୍ଟନାୟକ, ଏସଡିଜେଏମ ସଂଘମିତ୍ରା ବିଶ୍ୱାଳ ଯୋଗଦେଇ ସମାଜରେ ତୃତୀୟ ଲିଙ୍ଗର ସାମ୍ବିଧାନିକ ଅଧିକାର ଓ ସମାଜ ତରଫରୁ ସେମାନଙ୍କ ପ୍ରତି କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ସନ୍ତୋଷ ଚାନ୍ଦ, ସଞ୍ଜୀବ ପଧାନ ଓ ସବିତା ପଣ୍ଡା ଯୋଗଦେଇଥିଲେ। ବିଚାର ବିଭାଗୀ କର୍ମଚାରୀ ସୁଜିତ ପଧାନ, ସଞ୍ଜିବ ବାରିକ, ବିବସ୍ୱ ମେହେର, ସୁଜିତ ନାଗ, ମହେଶ ପଣ୍ଡା, ସୌମ୍ୟରଞ୍ଜନ ପଧାନ, ଟିକେଶ୍ୱର ଥନାପତି, ସୁମନ୍ତ ଦାଶ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ପାରା ଲିଗାଲ ସ୍ୱେଚ୍ଛାସେବୀ ଭାବେ ସୌଭାଗ୍ୟ ମହାକୁଳ, ଶାନ୍ତିଲତା ଜଗଦଳା, ପ୍ରଭାତୀ ବାରିକ, ସବିତା ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ ।

## ଅବସର ପରେ କ୍ରୀଡ଼ା ଶିକ୍ଷକଙ୍କ ସେବା

ବରଗଡ଼ ଅଫିସ୍,୩୧।୧

ବରଗଡ଼ ରାଣାପ୍ରତାପ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଡାକ୍ତର ଭୋଇ ମଙ୍ଗଳବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସ୍କୁଲର ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନାରେ ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷା ପଦ୍ମିନୀ ଗଡ଼ତିଆ ମୁଖ୍ୟଅତିଥି, ଶିକ୍ଷକ ସୁଧାଂଶୁ ଶେଖର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଅତିଥିବୃନ୍ଦ କ୍ରୀଡ଼ା ଶିକ୍ଷକ ଭୋଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ତେବେ ସମ୍ବର୍ଦ୍ଧନାର ଉତ୍ତରରେ ଭୋଇ କହିଥିଲେ, ସେ ଚାକିରିରୁ ଅବସର



କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

ଗ୍ରହଣ କରିଥିଲେ ମଧ୍ୟ ପୂର୍ବଭଳି ଛାତ୍ରୀଛାତ୍ରଙ୍କୁ ସେବା ଯୋଗାଇବେ। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଫେବୃୟାରୀ ୧୧ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବଲାଙ୍ଗୀର ଅଫିସ, ୩୧।୧

ଫେବୃଆରୀ ୧୧ ତାରିଖ ଶନିବାର ବଲାଙ୍ଗୀର, ପାଟଣାଗଡ, ଟିଟିଲାଗଡ, କଣ୍ଟାବାଞ୍ଜି, ଲୋଇସିଂହା, ସଇଁତଳା, ମୁରିବାହାଲ ଓ ବଙ୍ଗୋମୁଣ୍ଡା ଅଦାଲତ ପରିସରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରୀ ସମ୍ବନ୍ଧୀୟ ଓ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯିବ। ଏ ସମ୍ପର୍କରେ ସବିଶେଷ ବିବରଣୀ ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗୀର ଓ ତାଲୁକ ଆଇନ ସେବା କମିଟି ପାଟଣାଗଡ, ଟିଟିଲାଗଡ, କଣ୍ଟାବାଞ୍ଜି, ଲୋଇସିଂହା, ସଇଁତଳା ଓ ମୁରିବାହାଲ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

## ଶ୍ୟାମାକାଳୀ ମନ୍ଦିରର ପ୍ରତିଷ୍ଠା ଦିବସ



ମାଁ ଶ୍ୟାମାକାଳୀ ମନ୍ଦିରର ପ୍ରତିଷ୍ଠା ଦିବସରେ ପୂଜାର୍ଚ୍ଚନା ।

ବରଗଡ଼ ଅଫିସ୍,୩୧।୧

ବରଗଡ଼ ସ୍ଥିତ ମାଁ ଶ୍ୟାମାକାଳୀ ମନ୍ଦିରର ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଛି। ଏହି ଅବସରରେ ସକାଳେ ପ୍ରଥମେ ସୂର୍ଯ୍ୟପୂଜା, ସିଂହଦ୍ୱାର ପୂଜା, ବାଟମଙ୍ଗଳା ପୂଜା, ଶନି ପୂଜା, ଦ୍ୱାରପାଳ ପୂଜା ପରେ ମାଁ ଶ୍ୟାମାକାଳୀଙ୍କ ମହାସ୍ନାନ କରାଯାଇଥିଲା। ଏହାସହିତ ଚଉଷଠି ଉପଚାର ପୂଜା, ଦଶ ମହାବିଦ୍ୟା ପୂଜା, ପାର୍ଶ୍ୱଦେବତା ପୂଜା ପରେ ବାବା ଶ୍ୟାମେଶ୍ୱରଙ୍କ ପୂଜା ଏବଂ ଦର୍ଶନ, ହନୁମାନ ମନ୍ଦିରରେ ହନୁମାନ ଚାଳିଶା ପଠନ, ଜଗନ୍ନାଥ ମନ୍ଦିରରେ ଜଗନ୍ନାଥ ପୂଜା ହୋଇଥିଲା। ସେହିପରି ଚଣ୍ଡୀ ହବନ, ଆରତୀ, ପୁଷ୍ପାଞ୍ଜଳି, ପୂର୍ଣ୍ଣାହୂତି ହୋଇ ଆଶୀର୍ବାଦ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମାଁ ଶ୍ୟାମାକାଳୀ ମନ୍ଦିରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପଣ୍ଡିତ ନରସିଂହ ଶତପଥି, ନରେଶ ମିଶ୍ର, ଅନନ୍ତ ଶତପଥି, ସୁମନ୍ତ ଷଡ଼ଙ୍ଗୀ, ସତ୍ୟାନନ୍ଦ ଶତପଥି, ହରିରାମ ପଣ୍ଡା ପୂଜାକାର୍ଯ୍ୟ ତୁଲାଇଥିଲେ। ତୋଷବନ୍ତ ଦାଶ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ।

## ଚିଚୋଲି ଧନୁଯାତ୍ରା: ଶୂନ୍ୟବାଣୀରେ କଂସ ବିଚଳିତ

ଅମ୍ବାଭୋନା,୩୧।୧(ଡି.ଏନ.ଏ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଚିଚୋଲିରେ ଚାଲିଥିବା ଧନୁଯାତ୍ରା ମଙ୍ଗଳବାର ପଞ୍ଚମ ଦିବସରେ ପହଞ୍ଚିଛି। ଅନ୍ୟ ଦିନ ଭଳି କଂସ ମହାରାଜ ମଥୁରା ଭ୍ରମଣ କରିଥିଲେ। ବାଟରେ ସେ ମୁନିଋଷିଙ୍କ ଉପରେ ଅତ୍ୟାଚାର କରିଥିଲେ। ସେହିପରି ଶୂନ୍ୟବାଣୀ ଶୁଣିବା ପରଠାରୁ ବିଚଳିତ ଥିବା କଂସ ମହାରାଜ ଦରବାରକୁ ପହଞ୍ଚି ଆହୁରି ବ୍ୟସ୍ତ ବିବ୍ରତ ହୋଇ ପଡ଼ିଥିଲେ। ଅନ୍ୟପଟେ ଗୋପପୁରରେ ରାଧାକୃଷ୍ଣଙ୍କ ନାବକେଳି, ଗୋପୀଙ୍କ ବସ୍ତ୍ରହରଣ, କାଳୀୟଦଳନ ଆଦି ଦୃଶ୍ୟ ଅଭିନୀତ



କଂସ ଦରବାରରେ ଜିଲା ପରିଷଦ ସଭ୍ୟା ରାଜ ଅତିଥି ଭାବେ ଯୋଗଦାନ କରିଛନ୍ତି।

ହୋଇଥିଲା। କାଳୀୟ ନାଗ ଭୂମିକାରେ କ୍ଷୀରସାଗର ସାହୁ ଅଭିନୟ କରିଥିଲେ। ଜିଲା ପରିଷଦ ସଭ୍ୟା ନୀଳ କୁମାରୀ ନାଏକ ରାଜ ଅତିଥି ଭାବେ ଯୋଗଦାନ କରିଥିଲେ। ଧନୁଯାତ୍ରା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା।

## ପ୍ରଥମ ହରଭଙ୍ଗା ଲୋକ ମହୋତ୍ସବ ଉଦ୍‌ଯାପିତ

ବୌଦ୍ଧ,୩୧।୧(ସ୍ୱ.ପ୍ର.)

ବୌଦ୍ଧ ଜିଲାର ହରଭଙ୍ଗାଠାରେ ପ୍ରଥମ କରି ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ହରଭଙ୍ଗା ଲୋକ ମହୋତ୍ସବ,ପଲ୍ଲିଶ୍ରୀ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ୫ ଦିନ ଧରି ହରଭଙ୍ଗା ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା ଏହି ଲୋକ ମହୋତ୍ସବ ହଜି ଯାଉଥିବା ଲୋକକଳାର ପୁନରୁଦ୍ଧାର ପାଇଁ ସୁଯୋଗ ସୃଷ୍ଟି କରିଥିଲା। ଉଦ୍‌ଯାପନୀ ଦିବସର ସାଂସ୍କୃତିକ ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଲୋକ ମହୋତ୍ସବକୁ ସରସ ସୁନ୍ଦର ଓ ଆର୍କଷଣୀୟ କରିବାକୁ ମୀନାବଜାର ପଡିଥିବା ବେଳେ ସୁସ୍ୱାଦ୍ୟ ଖାଦ୍ୟ ଷ୍ଟଲର ମଜା ନେଇଥିଲେ ଦର୍ଶକ। ମହୋତ୍ସବ କମିଟିର ସଦସ୍ୟ ପ୍ରଫୁଲ ସାହୁ, ପ୍ରୀତିରଞ୍ଜନ ଦାସ, ବିକାଶ ବେହେରା, ଶୁଭଙ୍କର ପ୍ରଧାନ, ସୁରେଶ ନାଏକ, ଶ୍ରୀକାନ୍ତ ସେଠୀ, ଶ୍ରୀନିବାସ ସାହୁ, ମାନଭଞ୍ଜନ ନାଏକ, ପ୍ରଦୀପ ନାଏକ, ନରୋତ୍ତମ ପ୍ରଧାନ, ସଞ୍ଜୀବ ସାହୁ, ଶ୍ରୀକାନ୍ତ ସେଠ, ଶୁଭ୍ରାଂଶୁ ମେହେର, ସମ୍ବାରୁ ନାଏକ, ଦିନେଶ ସାହୁଙ୍କ ସମେତ ମହାବିଦ୍ୟାଳୟର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଉଦ୍‌ଯାପନୀ ଦିବସରେ ଅତିଥିମାନେ।

## ନୂତନ ସର୍ଭେ କରି ହିତାଧିକାରୀ ଚୟନ କର

ଦେଓଗାଁ, ୩୧।୧(ଡି.ଏନ.ଏ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବଞ୍ଚିତ ହିତାଧିକାରୀଙ୍କୁ ସାମିଲ କରିବାକୁ ଦାବି କରିଛି ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସରପଞ୍ଚ ସଂଘ। ମଙ୍ଗଳବାର ସଂଘ ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କୁ ପ୍ରଦାନ କରାଯାଇଛି।

ସରପଞ୍ଚ ସଂଘ ସଭାପତି ଗୋପାଳଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ବ୍ଲକ ଅନ୍ତର୍ଗତ ୨୬ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବଞ୍ଚିତ ହିତାଧିକାରୀ ବ୍ଲକ ଅଫିସ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର ଯୋଗଦେଇ କହିଥିଲେ ଯେ, ୨୦୧୧ଜନଗଣନା ଭିତ୍ତିରେ କେନ୍ଦ୍ର ସରକାର ଯୋଜନା ଲାଗୁ କରିଥିବାରୁ ବର୍ତ୍ତମାନ ଅନେକ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ରହୁଛନ୍ତ। ଏଣୁ ସରକାର ଏକ ନୂତନ ସର୍ଭେକରି ପ୍ରକୃତ ହିତାଧିକାରୀଙ୍କୁ



ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା

- ବ୍ଲକ ଅଫିସ ସମ୍ମୁଖରେ ସରପଞ୍ଚ ସଂଘର ଧାରଣା

ଏହି ଯୋଜନାରେ ସାମିଲ କଲେ ଯୋଜନାର ପ୍ରକୃତ ଉଦ୍ଦେଶ୍ୟ ସଫଳ ହୋଇପାରିବ। ସଂଘ ସଭାପତି ମିଶ୍ର ଏଦିଗରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଥିଲେ। ବିକ୍ଷୋଭ ସଭାରେ ହାତିସରା ସରପଞ୍ଚ କେଲୋ ଡାଙ୍ଗ, ଜରାସିଂହାର କୁଶମଣୀ ମେହେର, ବ୍ରାହ୍ମଣୀଯୋରର ମହେନ୍ଦ୍ର ମଲ୍ଲିକ, ବଡବନ୍ଧ ପଞ୍ଚାୟତର ଜଗବନ୍ଧୁ ମେହେର, ଧଣ୍ଡାମାଲ ସରପଞ୍ଚ ସଞ୍ଜୁ ସିକା, ସାରସମାଲ ପଞ୍ଚାୟତର ଗୋପାଳ ବାଗ, ସିକୁଆଁର ରାଜକୁମାର ଭୋଇ, ଦେଓଗାଁର ନିନା ଛତ୍ରିଆ, ସିଂହାମୁଣ୍ଡାର ଜାହ୍ନବୀ ମାହାଣା, ଗୌରଗୋଠର ସରପଞ୍ଚ ରଞ୍ଜିତା ସାହୁ, ଅର୍ଜୁନପୁରର ଗୀତା ଜଗଦଳା, ମକୁନ୍ଦପୁରର ଜାନକୀ ସାହୁ, ରାମଚନ୍ଦ୍ରପୁର ପଞ୍ଚାୟତର ପଦ୍ମିନୀ ମିଶ୍ର ପ୍ରମୁଖ ସରପଞ୍ଚ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## କାର ଧକ୍କାରେ ଜଣେ ମୃତ

ଲହୁଣୀପଡା,(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଚମ୍ପାଝରଣ ମନ୍ଦିର ନିକଟରେ ମଙ୍ଗଳବାର ଏକ କାର ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଆଲବେଟ ଧାନ । ପ୍ରକାଶ ଯେ, ଚାନ୍ଦିପୋଷ ସାପ୍ତାହିକ ମଙ୍ଗଳବାର ହାଟରୁ ଅପରାହ୍ନ ପ୍ରାୟ ୫ଟା ସମୟରେ ଚମ୍ପାଝରଣ ଗ୍ରାମର ଆଲବେଟ (୪୮) ନିଜ ଘରକୁ ସାଇକେଲ ଯୋଗେ ଯାଉଥିବା ବେଳେ ତାଙ୍କୁ ଏକ କାର ଧକ୍କା ଦେଇଥିଲା । ଦୁର୍ଘଟଣାରେ ଆଲବେଟଙ୍କ ମୃତ୍ୟୁ ଘଟିଥିଲା । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ଦୁର୍ଘଟଣା ଘଟାଇଥିବା କାର ଫେରାର ହୋଇଯାଇଛି ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

ଲେଫ୍ରିପଡା,୩୧।୧(ଡ଼ି.ଏନ.ଏ ): ମଙ୍ଗଳବାର ଅପରାହ୍ନରେ ସୁନ୍ଦରଗଡ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ସୁର୍ଗୁଡାଠାରେ ସଡକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲେଫ୍ରିପଡା ଗ୍ରାମର ବଣ୍ଟି ଚୌଧୁରୀ (୩୧)। ସୂଚନା ଅନୁଯାୟୀ, ଲେଫ୍ରିପଡାରୁ ବଣ୍ଟି ଓ ଅନ୍ୟ ଜଣେ ଯୁବକ ବାଇକ୍‌ରେ ଯାଉଥିବା ବେଳେ ଏମସିଏଲ ପଟୁ ଆସୁଥିବା ଏକ କୋଇଲା ବୋଝେଇ ୧୪ଚକିଆ ଟ୍ରକ ଧକ୍କା ମାରିଥିଲା। ଫଳରେ ବାଇକ୍‌ରେ ବସିଥିବା ଯୁବକ ଜଣକ ଛିଟିକି ପଡିଥିବା ବେଳେ ଚାଳକ ବଣ୍ଟି ବାଇକ୍ ସହ ଭାରୀଯାନ ତଳେ ପଶି ଯାଇଥିଲେ। ଘଟଣାସ୍ଥଳରେ ବଣ୍ଟିଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଦୁର୍ଘଟଣାରେ ଆହତ ଯୁବକଙ୍କୁ ସୁନ୍ଦରଗଡ ସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡି ଜବତ କରି ତଦନ୍ତ ଚଳାଇଛି ।

### ଗଛରୁ ଝୁଲନ୍ତା ମୃତଦେହ ଜବତ

ଲହୁଣୀପଡା,୩୧।୧(ଡି.ଏନ.ଏ.): ମଙ୍ଗଳବାର ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ତାମଡା ନିକଟସ୍ଥ କୁସୁମଡିହି ଜଙ୍ଗଲ ଭିତରୁ ପୋଲିସ ଝୁଲନ୍ତା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି । ପ୍ରକାଶ ଯେ, କୁସୁମଡିହି ଗ୍ରାମର ସିଲମୁନୁ ବେକ (୪୦) ଗତ କିଛି ଦିନ ତଳେ ଘରୁ କୁଆଡେ ଚାଲି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। କିନ୍ତୁ ସକାଳେ ସ୍ଥାନୀୟ ଲୋକେ କୁସୁମଡିହି ଜଙ୍ଗଲର ଏକ ଗଛରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଚାନ୍ଦିପୋଷ ଥାନାକୁ ଖବର ଦେଇଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ତାଙ୍କ ପରିବାର ଲୋକ ଆସି ମୃତଦେହ ଚିହ୍ନଟ କରିଥିଲେ। ବୁଧବାର ଦିନ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

### ଅଷ୍ଟପ୍ରହର ନାମଯଜ୍ଞ

ଲହୁଣୀପଡା,୩୧।୧(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ କଲେଇପୋଷ ପଞ୍ଚାୟତର ଥେଣ୍ଟେଇପୋଷ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ଦିନ ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ ହୋଇଥିଲା। ଏହି ନାମଯଜ୍ଞରେ କେନାପାଲି, ଉଲକେଣ୍ଡେଇ, ଲହୁଣୀପଡା, ଦର୍ଜି, ସୁଆରପାଲି, ହାତୀବାହାଲ, ଉଲସରେଇ, ରାଜାମୁଣ୍ଡା, ଥେଣ୍ଟେଇପୋଷ ସମେତ ଆଖପାଖ ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଏଥିରେ ଶରତ ମାହାନ୍ତ ଓ ତାଙ୍କ ସ୍ତ୍ରୀ ମମିତା ମାହାନ୍ତ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ପୂଜାର୍ଚ୍ଚନା ଓ ଯଜ୍ଞ ସଞ୍ଚାଳନ କରିଥିଲେ। ଝସକେତନ ମାହାନ୍ତ,କେଶବ ମାହାନ୍ତ,କୈଶିକ ମାହାନ୍ତ, ନରହରି ପାତ୍ର, ନନ୍ଦଲାଲ ମହାକୁଳ, କ୍ଷେତ୍ର ମୋହନ ମାହାନ୍ତ, ନବୀନ ମାହାନ୍ତ, ଦୋଳାନନ୍ଦ ମାହାନ୍ତ, କାର୍ତ୍ତିକ କେଶର ମାହାନ୍ତ, ଲୋକନାଥ ମାହାନ୍ତ,ଗ୍ରାମର କୀର୍ତ୍ତନ ମଣ୍ଡଳୀ କାର୍ଯ୍ୟକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନାମଯଜ୍ଞ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା ।

# ଭିଜିଲାନ୍ସ କୋର୍ଟ ଦ୍ୱାରା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ୨ ବର୍ଷ ଜେଲ

**ଇନ୍ଦିରା ଆବାସ କିସ୍ତି ଟଙ୍କା ମଞ୍ଜୁର ପାଇଁ ୨ ହଜାର ଟଙ୍କା ଲାଞ୍ଚ ମାମଲା**

ସୁନ୍ଦରଗଡ,୩୧।୧(ଡି.ଏନ.ଏ.)

ସୁନ୍ଦରଗଡ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ମଙ୍ଗଳବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ଟାଙ୍ଗରପାଲି ବ୍ଲକ ରତନପୁର ଗ୍ରାମ ପଞ୍ଚାୟତର ତତ୍କାଳୀନ ନିର୍ବାହୀ ଅଧିକାରୀ ତଥା ବର୍ତ୍ତମାନର ସବଡେଗା ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର ସିଂଙ୍କୁ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ମଧ୍ୟ କରିଛନ୍ତି । ଜରିମାନା ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ପାଇଁ ଅଦାଲତ ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ପ୍ରକାଶ ଯେ,ଟାଙ୍ଗରପାଲି ବ୍ଲକ ରତନପୁର ଗ୍ରାମ ପଞ୍ଚାୟତ କିଆକଛାର ଗ୍ରାମର ବଳଦେବ ଚିତାଙ୍କ ନାମରେ ଏକ ଇନ୍ଦିରା ଆବାସ ମଞ୍ଜୁର ହୋଇଥିଲା। ଘର ନିର୍ମାଣ ବାବଦ ଦ୍ୱିତୀୟ କିସ୍ତି ୩୦ହଜାର ଟଙ୍କା ମଞ୍ଜୁର ପାଇଁ ଅଭିଯୁକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ସିଂ ହିତାଧିକାରୀଙ୍କ ଠାରୁ ୨ହଜାର ଟଙ୍କା ଲାଞ୍ଚ ଦାବି କରି ହଇରାଣ କରୁଥିଲେ। ଏ ସମ୍ପର୍କରେ ହିତାଧିକାରୀଙ୍କ ପୁଅ ଲବଣୀଧର ଚିତା ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ସମ୍ବଲପୁର ଭିଜିଲାନ୍ସ ଥାନା କେଶ ନମ୍ବର ୩୧ ତା୨୦।୫।୨୦୧୪ରେ ଏକ ମାମଲା ରୁଜୁ ହୋଇଥିଲା । ପଞ୍ଚାୟତ ନିର୍ବାହୀ ଅଧିକାରୀ ସିଂ ହିତାଧିକାରୀଙ୍କ ପୁଅ ଲବଣୀଧରଙ୍କ ଠାରୁ ୨ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ଟିମ୍ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସିଂ ଜାମିନରେ ଆସି ସବଡେଗା ପଞ୍ଚାୟତର ନିର୍ବାହୀ ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ। ସେ ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ପୁଣିଥରେ ଜେଲ ଯାଇଛନ୍ତି। ତତ୍କାଳୀନ ଭିଜିଲାନ୍ସ ଡିଏସପି ପରମେଶ୍ୱର କିସାନଙ୍କ ନେତୃତ୍ୱରେ ଇନ୍ସପେକ୍ଟର ଯୋଗେଶ ପ୍ରସାଦ ପଟେଲ ଏହି ମାମଲାର ତଦନ୍ତକାରୀ ଅଫିସର ଥିବା ବେଳେ ସରକାରଙ୍କ ପକ୍ଷରୁ ସୁନ୍ଦରଗଡ ଭିଜିଲାନ୍ସ କୋର୍ଟରେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମ ସୁନ୍ଦର ମିଶ୍ର ମାମଲାର ପରିଚାଳନା କରୁଥିଲେ।

# ନବ ନିଯୁକ୍ତ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟଙ୍କୁ ଅଭିନନ୍ଦନ



ରାଜେଶଙ୍କୁ ପୁଷ୍ପଗୁଚ୍ଛ ଦେଇ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଅଭିନନ୍ଦନ ଜଣାଉଛନ୍ତି।

କୁଆଁରମୁଣ୍ଡା,୩୧।୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ କୁଆଁରମୁଣ୍ଡା ବ୍ଲକରୁ ବିଜେଡି ବ୍ଲକ ସଭାପତି ରାଜେଶ ହାସଦାଙ୍କୁ ନୂତନ ଭାବେ ମନୋନୀତ କରାଯାଇଛି। ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁରଙ୍କ ସହ ସମିତି ସଭ୍ୟ ଯୋଗେଶ୍ୱର ରାଉତ, ତିଳୋତ୍ତମା ତନ୍ତୀ, କୁନା ମଲ୍ଲିକ, ସାଗର କୁଅଁର, ଏସଏଚଜି ମହିଳାମାନେ ତାଙ୍କୁ କୁଆଁରମୁଣ୍ଡା ପଞ୍ଚାୟତରେ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି। ନୂତନ ଭାବେ ଏସଡିସି ସଭ୍ୟ ପଦ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ଓ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାଏକ, ବିଜେଡି ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ଏସଡିସି ଚେୟାରମ୍ୟାନ ବିନୟ ଟପ୍ପୋ, ବୈକୁଣ୍ଠ ନାଏକଙ୍କ ପ୍ରୟାସ ବୋଲି ରାଜେଶ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ



କାର୍ଯ୍ୟକ୍ରମରେ ଦଳୀୟ କର୍ମକର୍ତ୍ତା ଓ କର୍ମୀ ।

ସୁନ୍ଦରଗଡ,୩୧।୧(ଡି.ଏନ୍.ଏ.)

ଜିଲା କଂଗ୍ରେସ କମିଟି ତରଫରୁ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ତଥା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ ଯାତ୍ରାର ଉଦ୍‌ଯାପନୀ ସମାରୋହ ପାଳିତ ହୋଇଯାଇଛି। ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପିସିସି ତରଫରୁ ପର୍ଯ୍ୟବେକ୍ଷକ ଭାବରେ ରାଉରକେଲାର ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଯୋଗ ଦେଇଥିଲେ। ସଭାରେ ବରିଷ୍ଠ କଂଗ୍ରେସ ନେତା ନିମାଇଁ ଚରଣ ନାଏକ, ପ୍ରଦେଶ ମହିଳା କଂଗ୍ରେସର ପୂର୍ବତନ ଉପସଭାନେତ୍ରୀ ଦେବସ୍ମିତା ସାମଲ, ପିସିସି ସାଧାରଣ ସଂପାଦକ ରାଜକିଶୋର ଷଡଙ୍ଗୀ, ରାଜ୍ୟ ସେବାଦଳର ସଂପାଦକ ମୁନୁ ସରାଫ ପ୍ରମୁଖ ଯୋଗଦେଇ ଦେଶ ପାଇଁ ମହାତ୍ମାଗାନ୍ଧୀଙ୍କ ବଳିଦାନକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାଛଡା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ ଯାତ୍ରାର ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରି ଆଗାମୀ ଦିନରେ କଂଗ୍ରେସ ଦଳକୁ ବୁଥ ସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ କିଭଳି ଭାବରେ ସଂଗଠିତ କରାଯାଇପାରିବ ସେ ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ଅଜିତ ପ୍ରସାଦ, ଯୁବ କଂଗ୍ରେସ ସଭାପତି ବିଶ୍ୱଜିତ ପଟ୍ଟନାୟକ, ଟାଉନ କଂଗ୍ରେସ ସଭାପତି ନେପାଳ ସାହୁ, ସାଧାରଣ ସଂପାଦକ ଦେବାଶୀଷ ଦାସ, ରମଣୀ ରଞ୍ଜନ ଯୋଶୀ, ଶୁଭାଶିଷ ବାନାର୍ଜୀ, ବିଜୟ ମହାରଣା, ସୁବ୍ରତ ପୁରୋହିତ, ଶ୍ୟାମାନନ୍ଦନ ସହାୟ,ସତ୍ୟ ନାରାୟଣ ସାହୁ, ଅଶୋକ ଆଚାରୀ, ହିତ ସିଂ, ପ୍ରଦୀପ ସିଂ, ବିଶ୍ୱମିତ୍ର ପ୍ରଧାନ, ଶିବ ମୁଣ୍ଡା ପ୍ରମୁଖ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ବିଶିଷ୍ଟ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ପରଲୋକ

ରାଜଗାଙ୍ଗପୁର,୩୧।୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଅଞ୍ଚଳର ଜଣାଶୁଣା ବରିଷ୍ଠ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ(୭୦)ଙ୍କ ପରଲୋକ ହୋଇଯାଇଛି। ଦେହ ଖରାପ ଥିବାରୁ ସେ ବାଙ୍ଗାଲୁରଠାରେ ଚିକିତ୍ସିତ ହେଉଥିଲେ ଓ ସେଠାରେ ତାଙ୍କର ଦେହାନ୍ତ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ପୁଅ ଝିଅ ଉପସ୍ଥିତ ଥିଲେ। ସେ ତାଙ୍କ ଜୀବନ କାଳ ମଧ୍ୟରେ କୋର୍ଟ କାର୍ଯ୍ୟ ସହ ରାଜଗାଙ୍ଗପୁର ସିଟିଜନ ଫୋରମସ, ରାଜଗାଙ୍ଗପୁର ସାଂସ୍କୃତିକ ପରିଷଦ,ରାଜଗାଙ୍ଗପୁର ମହୋତ୍ସବ କମିଟି ଝରଝରା ଓ ଅନ୍ୟ ବହୁ ଅନୁଷ୍ଠାନର ପଦାଧିକାରୀ ରହି ସୂଚାରୁ ରୂପେ ନିଜର କାର୍ଯ୍ୟ ତୁଲାଇଥିଲେ। ରାଜଗାଙ୍ଗପୁରରେ କୋର୍ଟ ପ୍ରତିଷ୍ଠା ପାଇଁ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ମଙ୍ଗଳବାର ଦିନ ରାଜଗାଙ୍ଗପୁର ଓକିଲ ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ପ୍ରଳୟ ହାଜରା, ଉପସଭାପତି ଅଶୋକ ପାଣି, ସମ୍ପାଦକ ରବିନ୍ଦ୍ର ଦାଶ,ବରିଷ୍ଠ ଆଇନଜୀବୀ ଲବେନ୍ଦ୍ର ବେହେରା, ମୁରଲିଧର ଦାସ, ବିରେନ ରାଉତରାୟ, ଦିବାକର ପ୍ରଧାନ ପ୍ରମୁଖ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ରାଜଗାଙ୍ଗପୁର ଓକିଲ ସଂଘ ତଥା ରାଜଗାଙ୍ଗପୁର ପ୍ରତି ତାଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ବରିଷ୍ଠ ଆଇନଜୀବୀ ପଟ୍ଟନାୟକଙ୍କ ବିୟୋଗରେ ତାଙ୍କ ମାତା ପିତା ମ୍ରିୟମାଣ ହୋଇପଡିଛନ୍ତି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।



ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ।

# କଟାରୁ ସ୍କୁଲରେ ସୋଲାର ପାନେଲ ଉଦ୍‌ଘାଟିତ

କୁଆଁରମୁଣ୍ଡା,୩୧।୧(ଡିଏନଏ)

କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ବଣ ଜଙ୍ଗଲ ଘେରା କଟାରୁ ସରକାରୀ ହାଇସ୍କୁଲରେ ମଙ୍ଗଳବାର ସୋଲାର ପାନେଲ ଉଦ୍‌ଘାଟିତ ହୋଇଯାଇଛି। ଏଲ୍ ଆଣ୍ଡ ଟି ତରଫରୁ ସ୍କୁଲ ପିଲାଙ୍କର ଆବଶ୍ୟକତାକୁ ଦୃଷ୍ଟି ରେ ରଖି ଏହା ପ୍ରଦାନ କରାଯାଇଛି। ଏହି ଅବସରରେ ଏଲ୍ ଆଣ୍ଡ ଟିର ଅଧିକାରୀ କେ ରାମନରେଶ ଯାଦବ, ଅଶ୍ୱିନୀ ବିଶ୍ୱାସ, ରାମନାଥ ପଣ୍ଡା, ରୋଶନ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କ ଦୀର୍ଘ ଦିନର ଆବଶ୍ୟକତାକୁ ପୂରଣ କରିଥିବାରୁ କମ୍ପାନୀ ଅଧିକାରୀମାନଙ୍କୁ ସ୍କୁଲ ତରଫରୁ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ପାଣି, ବରିଷ୍ଠ ଶିକ୍ଷକ ଶିବପ୍ରସାଦ ମହାପାତ୍ର, ଶିକ୍ଷକ ପଞ୍ଚାନନ ଦାଶ, ବସନ୍ତ ବାରିକ, ବିଜିଲା କେରକେଟା ପ୍ରମୁଖ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ପ୍ୟାରା ବାର୍ଲାଙ୍କୁ ଏସଡିସି ସଦସ୍ୟ ନିଯୁକ୍ତି

ଲହୁଣୀପଡା,୩୧।୧(ଡି.ଏନ.ଏ.)

ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୂତନ ସଦସ୍ୟ ନିଯୁକ୍ତି ତାଲିକା ପ୍ରକାଶ ପାଇଛି। ବଣେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲହୁଣୀପଡ଼ା ବ୍ଲକ ଟକରା (କଜଳା) ଗ୍ରାମର ପୂର୍ବତନ ସରପଞ୍ଚ ତଥା ଲହୁଣୀପଡ଼ା ବ୍ଲକ ବିଜେଡି ଉପସଭାପତି ପ୍ୟାରା ବାର୍ଲାଙ୍କୁ ଏସଡିସି ସଦସ୍ୟ ଭାବେ ନିଯୁକ୍ତି ମିଳିଛି। ଏଥିପାଇଁ ବଣେଇ ବିଜେଡି କର୍ମୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ବାର୍ଲାଙ୍କୁ ନିଯୁକ୍ତି ଦେଇଥିବାରୁ ବଣେଇ ନିର୍ବାଚନମଣ୍ଡଳୀ ଓ ଲହୁଣୀପଡ଼ା ବ୍ଲକ ବିଜୁ ଜନତା ଦଳ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପର୍ଯ୍ୟବେକ୍ଷକ ପ୍ରୀତି ରଞ୍ଜନ ଘଡେଇ,ଏସଡିସି ଅଧ୍ୟକ୍ଷ ବିନୟ ଟପୋ, ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ତଥା ବିଧାୟକ ସାରଦା ପ୍ରସାଦ ନାୟକ, ରାଉରକେଲା ସାଙ୍ଗଠନିକ ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଶିଶୁ ସଂସ୍କାର ମନ୍ଦିର ବାର୍ଷିକୋତ୍ସବ

ଲହୁଣୀପଡା,୩୧।୧(ଡି.ଏନ.ଏ.)

କେ ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନାସ୍ଥିତ ଶିଶୁ ସଂସ୍କାର ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଶୁଶିଳା ମୁଣ୍ଡା, ମାଦି ଓରାମ,କୁମାର ଗୌତମ ବାରିକ,ଗୁରୁ ଚରଣ ମାହାନ୍ତ, ଦୀନବନ୍ଧୁ ମାହାନ୍ତ, ମୁଖ୍ୟବକ୍ତା ଭାବେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ରତ୍ନାକର ବେହେରା ଓ ବକ୍ତା ଭାବେ ରସାୟନ ବିଜ୍ଞାନ ଅଧ୍ୟାପକ ପ୍ରଶାନ୍ତ କିଶୋର ଚଇନି ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଘାସିରାମ ମାହାନ୍ତ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଲକ୍ଷ୍ମୀଧର ମାହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦୁବରାଜ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରାରମ୍ଭରେ ବାଣୀଶ୍ରୀ ବିଦ୍ୟାରୁପା ବାରିକ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଦେଶାତ୍ମବୋଧକ କବିତା ସଙ୍କଳନ ଭାରତ ବନ୍ଦନାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି ଅବସରରେ ସୂର୍ଯ୍ୟଚକ୍ର ପାଇଥିବା ଅବସରପ୍ରାପ୍ତ ସୈନିକ ପ୍ରଦୀପ ବେକ ଓ ନାଏବ ସୁବେଦାର ହରିହର ମାହାନ୍ତଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ଉପସ୍ଥିତ ଥିବା ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ସୈନିକ ଏବଂ ୨୦ରୁ ଉର୍ଦ୍ଧ୍ୱ ସାହିତ୍ୟିକ, ଲେଖକ ଓ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଡା.କମଳା କାନ୍ତ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଟକ ଟୁସୁ ପରିବେଷଣ କରାଯାଇଥିଲା। ଗିରିଧାରୀ ପୁରୋହିତ, ଦେବାନନ୍ଦ ମାହାନ୍ତ, ଦେବରାଜ କିଷାନ, କୈଳାସ ମାହାନ୍ତ, ସନ୍ଧ୍ୟାରାଣୀ ମାହାନ୍ତ, ପୁଷ୍ପକ ମାହାନ୍ତ, ଗୋପୀ ମହାକୁଳ, ଅନିତା ମାହାନ୍ତ, ମଞ୍ଜୁଲତା ମାହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବୟସ୍କ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ

ଭବାନୀପାଟଣା,୩୧।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ବଡକର୍ଲାକୋଟ ପଞ୍ଚାୟତ ମାଲଗୁଡା ଗ୍ରାମର କୃଷ୍ଣ ରଣା(୫୫)ଙ୍କ ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ସକାଳ ୮ଟାରେ ଲାଖବହାଲିଠାରେ ଥିବା ନିଜର କ୍ଷେତରେ ପାଣି ଲଗାଇବି ବୋଲି କୃଷ୍ଣ ଘରୁ ଯାଇଥିଲେ। କିନ୍ତୁ ବଡକର୍ଲାକୋଟ ନିକଟରେ ତାଙ୍କୁ ଅଚେତ ଅବସ୍ଥାରେ ପଡିଥିବା ଗାଁ ଲୋକଙ୍କଠାରୁ ପରିବାର ଲୋକେ ଖବର ପାଇଥିଲେ। କୃଷ୍ଣଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ଜୟପାଟଣା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଛି।

# ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ସୁନ୍ଦରଗଡ,୩୧।୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲାରେ ଥିବା ବେସରକାରୀ କଲେଜର ଅଧ୍ୟାପକ ଓ କର୍ମଚାରୀଙ୍କୁ ତୁରନ୍ତ ଅନୁଦାନଭୁକ୍ତ କରାଯିବା ପାଇଁ ଦାବି କରିଛି ଓଡିଶା ବେସରକାରୀ କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘ । ଏନେଇ ମଙ୍ଗଳବାର ସଂଘର ଜିଲା ସଂଯୋଜକ ସଞ୍ଜୟ କୁମାର ନାୟକଙ୍କ ନେତୃତ୍ୱରେ ବିଭିନ୍ନ କଲେଜର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନଙ୍କ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ସମାନ କାମକୁ ସମାନ ଦରମା କଥା କହୁଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ। ଏହି ଅଧ୍ୟାପକ ଓ କର୍ମଚାରୀମାନେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ପାଠପଢା ସାଙ୍ଗକୁ ବିଭିନ୍ନ କାର୍ଯ୍ୟ ଅନ୍ୟ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ଭଳି ତୁଲାଇଥାନ୍ତି। ମାତ୍ର ଏମାନଙ୍କୁ କମ ପ୍ରାପ୍ୟ ମିଳିଥାଏ। ବର୍ତ୍ତମାନର ମହଙ୍ଗା ଯୁଗରେ ଦରଦାମ ବୃଦ୍ଧି ଯୋଗୁ ସେମାନେ ପରିବାର ପ୍ରତିପୋଷଣ କରିବା କଷ୍ଟକର ବୋଲି କହିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଜସ୍ମିନ ପୁରୋହିତ, ସୁଶ୍ରିତା ପଟେଇ, ଯୋଗଶ୍ୱର ନାଏକ, କୁସୁମ ଲାକ୍ରା, ଅରୁଣ ଦାଶ,କୌଶଲ୍ୟା ହୋତା ପ୍ରମୁଖ ଉପସ୍ଥିତ ଥିଲେ।



ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି ।

# ଶାରୀରିକ ଶିକ୍ଷା ଶିକ୍ଷକଙ୍କ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର

ବଡ଼ଗାଁ,୩୧।୧(ଡି.ଏନ.ଏ.)




ଉଦ୍‌ଯାପନୀ ଦିବସରେ ପିଇଟି ଓ ବିଭାଗୀୟ ଅଧିକାରୀମାନେ ।

ସୁନ୍ଦରଗଡ ଜିଲାର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କୁ ନେଇ ଚାଲିଥିବା ଜିଲାସ୍ତରୀୟ ତ୍ରିଦିବସୀୟ ଆବାସିକ ପ୍ରଶିକ୍ଷଣ ଶିବିର ଓ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ବଡଗାଁ ବ୍ଲକ ଅନ୍ତର୍ଗତ ଦେଓକରଣପୁର ହାଇସ୍କୁଲଠାରେ ଆୟୋଜିତ ଏହି ଶିବିର ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ଜିଲାର ୨୦୮ଜଣ ପିଇଟି ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବଡ଼ଗାଁ ବିଇଓ ଶାନ୍ତି ମୁନି ସୁରେଖା ହରୋ, ଆଇପିଇ ଗଣେଶ ବାରିକ, ଦେଓକରଣପୁର ହାଇସ୍କୁଲର ପ୍ରଧାନଶିକ୍ଷକ କର୍ଣ୍ଣ ମାଝୀ ଅତିଥି ଭାବେ ଯୋଗ ଦେଇଥିଲେ। ଡିଇଓ ପ୍ରଧାନ ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ଶିବିରର ଆବଶ୍ୟକତା ଓ ପିଇଟିମାନଙ୍କ ଭୂମିକା ଉପରେ ବୁଝାଇଥିଲେ। ଯୁଗ୍ମ ନିର୍ଦ୍ଦେଶିକା ରାଜଶ୍ରୀ ପଟ୍ଟନାୟକ, ଅବସରପ୍ରାପ୍ତ ଆଇପିଇ ସଞ୍ଜୁଲତା ବହିଦାର ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ଦିବସରେ ଏଡିଇଓ ସାରଙ୍ଗଧର ବରିହା ଯୋଗଦେଇ ପିଇଟି, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବ୍ୟକ୍ତିତ୍ୱ ବିକାଶ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ଦିବସରେ ସୁନ୍ଦରଗଡ ଡାକ କାର୍ଯ୍ୟାଳୟରେ ଅନୁଷ୍ଠିତ ମେଗା ରକ୍ତଦାନ ଶିବିରରେ ୧୮ ଜଣ ପିଇଟି ରକ୍ତଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଡିଇଓ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏଡିଇଓ ବରିହା, ଆଇପିଇ ବାରିକ ଏବଂ ଆମନ୍ତ୍ରିତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଧାନଶିକ୍ଷକ ଶକୁନ୍ତଳା କିସାନ, କବିତା ମଞ୍ଜରୀ ମହାନ୍ତି, ରଶ୍ମିତ କୁମାର୍ ସାହାଣୀ, ହିରାମଣି ମିଞ୍ଜ, ଦେବକୀ ଜୟପୁରିଆ, ନିରାକାର ବେସନ, ଦୁବରାଜ ଗୋଖରା ଯୋଗଦାନ କରିଥିଲେ। ରିସୋର୍ସ ପର୍ସନ ନିରଞ୍ଜନ ନାୟକ, ବିପ୍ର ଚରଣ ମହାପାତ୍ର, ଦୁର୍ଗା ମାଧବ ନାଏକ, ପ୍ରଫୁଲ୍ଲ କୁମାର ସାହୁ, ଆଶିଷ କୁମାର ପ୍ରଧାନ, ଅମର ଦୀପ ଟେଟେ ଭଲିବଲ, କବାଡି, ଫୁଟବଲ, କୋକୋ ଆଥଲେଟିକ,ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଆଇପିଇ ଗଣେଶ ବାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜିଲାର ପିଇଟିମାନଙ୍କ ତରଫରୁ ଦିଆଯାଇଥିଲା।

**ଡ୍ରେନ ସଫେଇରେ ବିଳମ୍ବ ନେଇ ଅସନ୍ତୋଷ**

ଦେଓଗାଁ,(ଡି.ଏନ.ଏ.): ଦେଓଗାଁ ବ୍ଲକ ସଦର ପଞ୍ଚାୟତରେ ଥିବା ଡ୍ରେନ ସଫେଇ ହେଉନାହିଁ। ମେନରୋଡ ଦୁର୍ଗାମଣ୍ଡପଠାରୁ ଟାଙ୍ଗର ଛକ ପର୍ଯ୍ୟନ୍ତ ଡ୍ରେନରେ ମଇଳା ଭର୍ତ୍ତିହୋଇ ପାଣି ରାସ୍ତାରେ ଭାଶୁଛି । ମଶା ଓ ମାଛି ପ୍ରାଦୁର୍ଭାବରେ ପଡାବାସୀ ଅତିଷ୍ଠ ହେଉଛନ୍ତି। ଏ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ମଙ୍ଗଳବାର ଗ୍ରାମର ସୁନୀଲ ଅଗ୍ରୱାଲ ତାଙ୍କ ଘର ସମ୍ମୁଖରେ ଥିବା ଡ୍ରେନକୁ ଶ୍ରମିକ ଲଗାଇ ସଫେଇ କରିଛନ୍ତି । ପିଇଓ ହେମନ୍ତ କୁମାର ବିଭାରଙ୍କୁ ପଚାରିବାରୁ ସରପଞ୍ଚଙ୍କ ସହ ଆଲୋଚନା କରି ଏଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।



## ସଂକ୍ଷେପରେ

### ବଜରଙ୍ଗବାଲି କପ୍ କ୍ରିକେଟ: ସାନଗୁର୍ଜିଭଟା ବିଜୟୀ

**ଖପ୍ରାଖୋଲ,୩୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବଡଗୁର୍ଜିଭଟା ଗାଁରେ ୧୧ତମ ବଜରଙ୍ଗବଲି କପ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଗିରିଧାରୀ ନାଗ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ସତ୍ୟାନନ୍ଦ ସେଦ୍ରିଆ, ଆୟୋଜକ କମିଟି ସଭାପତି ହରିବୋଲ ପୋଡ଼, ଅଭୟ ତ୍ରିପାଠୀ, ଉମାକାନ୍ତ ପ୍ରଧାନ, ବିହାରି ପ୍ରଧାନ, ଶିବା ସୁନା, ଭାସ୍କର ଦାଶ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ବାନମାଲ ଓ ସାନଗୁର୍ଜିଭଟା ମଧରେ ହୋଇଥିଲା। ବାନମାଲ ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ସମସ୍ତ ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରିଥିଲା। ଜବାବରେ ସାନ ଗୁର୍ଜିଭଟା ଦଳ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା।

### ୭୭ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ଖପ୍ରାଖୋଲ,୩୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ଜନଶୁଣାଣୀକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଚଞ୍ଚଳ ରାଣା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ନାଏକ, ପାଟଣାଗଡ ଉପଜିଲାପାଳ ଡ଼ ବିଜୟାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ରହି ଜନ ସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୭୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୬୯ ବ୍ୟକ୍ତିଗତ ଓ ୮ଟି ସାମୂହିକ ଅଭିଯୋଗ ଥିଲା। ଆଠ ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଥିଲା। ଗୋଟିଏ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଓ ଅନ୍ୟଟି ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା ପ୍ରଦୀପ କୁମାର ଗୁରୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକିଶୋର ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ସନ୍ତଲାଲ ଦୀପ, ଜିଲା ମଙ୍ଗଳ ଅଧକାରୀ ଅଲେଖ ବିଶାଳ, ଡେପୁଟି କଲେକ୍ଟର ଦିବାକର ବାଗ, ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ ଇ. ଅର୍ଜୁନ ବେହେରା, ବିଡ଼ିଓ ରଶ୍ମି ରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସିଡିପିଓ ସୁଜାତା ଦୋରା, ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁ, ବ୍ଲକ ଯୋଗାଣ ଅଧିକାରୀ ବିକାଶ ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ। ଶୁଣାଣି ପରେ ଅଧିକାରୀମାନେ ଆୟୋଜିତ ଜନସେବା ପ୍ରଦର୍ଶନୀସ୍ଥଳ ବୁଲିବା ସହ ଜଙ୍ଗଲ ଅଧିକାର ଆଇନ ଜମି ପଟ୍ଟା, ନିର୍ମାଣ ଶ୍ରମିକ ବୀମା ସହାୟତା, ପୁଷ୍ଟି ବଗିଚା ଚାରା ଓ ବିହନ କୀଟ ବଣ୍ଟନ କରିଥିଲେ।

### ୨ଯନ୍ତ୍ରୀଙ୍କ ବଦଳି ଦାବି କଲେ ଜନପ୍ରତିନିଧି

**ଦେଓଗାଁ ବ୍ଲକରେ ଆଗଉନି ଉନ୍ନୟନ କାର୍ଯ୍ୟ**

**ଦେଓଗାଁ ,୩୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏହାକୁ ନେଇ ଜନପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏନେଇ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସରପଞ୍ଚମାନେ ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କୁ ସାକ୍ଷାତ୍ କରି ସମସ୍ୟା ସମାଧାନ ଉପରେ ଆଲୋଚନା କରିଛନ୍ତି। ଏପରିକି ନୂତନଭାବେ ଯୋଗଦେଇଥିବା ଦୁଇଜଣ ଯନ୍ତ୍ରୀ ଫୋନ ମଧ ଉଠାଉ ନ ଥିବା ଗୌରଗୋଠ ସରପଞ୍ଚ ରଞ୍ଜିତା ସାହୁ ଅଭିଯୋଗ କରିଥିଲେ । ଅନ୍ୟପକ୍ଷେ ସମ୍ପୃକ୍ତ ଯନ୍ତ୍ରୀ କାର୍ଯ୍ୟସ୍ଥଳକୁ ଆସୁ ନ ଥିବା ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର କହିଛନ୍ତି। ଯନ୍ତ୍ରୀମାନଙ୍କ ଅବହେଳା ଯୋଗୁଁ ମାସମାସ ଧରି କାମ ପଡିରହୁଥିବା ଜରାସିଂହା ସମିତି ସଭ୍ୟ ଅମିତ କୁମାର ତ୍ରିପାଠୀ ଅଭିଯୋଗ କରିଥିଲେ । ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ବର୍ଷେ ବିତି ଯାଇଥିଲେ ହେଁ ପଞ୍ଚାୟତମାନଙ୍କରେ କୌଣସି ଆଖିଦୃଶିଆ କାମ ହୋଇପାରୁ ନ ଥିବା ରୁ ଅବିଳମ୍ବେ ପ୍ରଶାସନ ପଦକ୍ଷେପ ନେବାକୁ ସରପଞ୍ଚ ସଂଘ ସଭାପତି ତଥା ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର କହିଛନ୍ତି। ସମ୍ପୃକ୍ତ ଦୁଇ ଯନ୍ତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ ସେ ଦାବି କରିଥିଲେ ।

# ‘ନିର୍ଦ୍ଧାରିତ ସମୟରେ କାମ ସାର’

**ପନେସରା-କେଉଁଟିପାଲି ଘେଷରା ନାଳରେ ବିଜୁ ସେତୁ ନିର୍ମାଣ**

- କ୍ଷେତ୍ର ପରିଦର୍ଶନ ବେଳେ ବିଭାଗୀୟ ଯନ୍ତ୍ରୀଙ୍କୁ ବିଧାୟକଙ୍କ ପରାମର୍ଶ
- ଜମି ହରାଉଥିବା ଚାଷୀଙ୍କୁ ତ୍ୱରିତ କ୍ଷତିପୂରଣ ଦେବାକୁ କହିଲେ


ଚାଷୀ ଓ ବିଭାଗୀୟ ଅଧିକାରୀଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

**ଲୋଇସିଂହା,୩୧।୧(ଡି.ଏନ.ଏ.)**

ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପନେସରାରୁ କେଉଁଟିପାଲିକୁ ସଂଯୋଗକୁ କରୁଥିବା ଘେଷରା ନାଳ ଉପରେ ବିଜୁ ସେତୁ ନିର୍ମାଣ ହେଉଛି। ମଙ୍ଗଳବାର ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ନିର୍ମାଣସ୍ଥଳ ପରିଦର୍ଶନ କରିଥିଲେ। ନିର୍ଦ୍ଧାରିତ ସମୟରେ ସେତୁ ଏବଂ ରାସ୍ତା କାମ ସାରିବାକୁ ବିଭାଗୀୟ ଏସ୍‌ଡିଓ ଗଜେନ୍ଦ୍ର ପଧାନ ଓ ଯନ୍ତ୍ରୀ ବିଧାନ ନାୟକଙ୍କୁ ଏହି ଅବସରରେ ସେ ନିର୍ଦ୍ଦେଶ ଦେଇଥିଲେ। ଏହାବାଦ ପୋଲର ଉଭୟ ପାର୍ଶ୍ୱରେ ରାସ୍ତା ପାଇଁ ଜମି ହରାଉଥିବା ଚାଷୀମାନେ କିପରି ଉପଯୁକ୍ତ କ୍ଷତିପୂରଣ ପାଇ ପାରିବେ ସେ ନେଇ ଆନୁସଙ୍ଗିକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ପୋଲ କାମ ଅଧା ସରିଥିଲେ ମଧ୍ୟ ସୂଚନା ଫଳକରେ କିଛି ସୂଚନା ନ ଥିବାରୁ ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ଉପରେ ଖପ୍ପା ହୋଇଥିଲେ। ଅପରପକ୍ଷେ ଜନସାଧାରଣଙ୍କ ଗମନାଗମନ ଦୃଷ୍ଟିକୋଣରୁ ରାସ୍ତା ପାଇଁ ଚାଷୀମାନେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ ।

୫ କୋଟି ୯୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ନାଳରେ ବିଜୁ ସେତୁ ଯୋଜନାରେ ସେତୁ ନିର୍ମାଣ ପାଇଁ ୪ ଜାନୁୟାରୀ ୨୦୨୨ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାପରେ ପୋଲ କାମ ଆରମ୍ଭ ହୋଇଯାଇଛି। ୨୪ ଫୁଟ ପ୍ରଶସ୍ତର ୫ଶହ ମିଟର ରାସ୍ତା ନିର୍ମାଣ କରାଯିବ। ପୋଲ ସଂଲଗ୍ନ ରାସ୍ତାର ପ୍ରଶସ୍ତ ୩୦ ମିଟରରୁ ଅଧିକ ରହିବ। ଏଥିପାଇଁ ପନେସରା ୧୦ ଏବଂ କେଉଁଟିପାଲି ଗ୍ରାମର ୫ଜଣ ଚାଷୀଙ୍କ ଜମିରେ ରାସ୍ତା ନିର୍ମାଣ ହେବ। ଏଥିପାଇଁ ମଙ୍ଗଳବାର ଜମି ଡିମାର୍କେସନ କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଓ ଚାଷୀଙ୍କ ଉପସ୍ଥିତିରେ ରାଜସ୍ୱ କର୍ମଚାରୀ ରାସ୍ତା ଅନୁଯାୟୀ ଜମି ମାପଚୁପ କରିଥିଲେ। ରାସ୍ତା ପାଇଁ ଜମି ହରାଉଥିବା ଚଷୀମାନେ କ୍ଷତିପୂରଣ ପାଇବା ପାଇଁ ଉତ୍ତରାଧିକାରୀ ପ୍ରମାଣପତ୍ର ବାଧକ ସାଜୁଥିବା ଅଭିଯୋଗ କରିଥିଲେ। ଡାକ୍ତରଖାନା ଏବଂ ତହସଲିରେ ସେମାନଙ୍କୁ ହଇରାଣ ହରକତ ହେବାକୁ ପଡୁଥିବା ନେଇ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏବଂ ରାଜସ୍ୱ ଅଧିକାରୀଙ୍କୁ ଏଦିଗରେ ପଦକ୍ଷେପ ନେବାକୁ ବିଧାୟକ କହିଥିଲେ।

# ୩ରୁ କୃଷି, କୃଷି ଯନ୍ତ୍ରପାତି ମେଳା


କୃଷି ଓ କୃଷି ଯନ୍ତ୍ରପାତି ମେଳା ସମ୍ପର୍କରେ କୃଷି ଅଧିକାରୀମାନେ ସୂଚନା ଦେଉଛନ୍ତି।

**ବଲାଙ୍ଗୀର ଅଫିସ, ୩୧।୧**

ବଲାଙ୍ଗୀର ଜିଲା କୃଷି ବିଭାଗ ଏବଂ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଫେବୃୟାରୀ ୩ରୁ ୬ତାରିଖ ଯାଏ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରେ ଜିଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ଆୟୋଜନ ହେବ। ଏହି ମେଳାରେ ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ସହ ରିହାତି ଦରରେ ବିକ୍ରୟ କରାଯିବ। ଏଥିରେ ୬୦ଟି ଷ୍ଟଲ ଲାଗିବ। ନୂତନ କୌଶଳ ଯଥା ଡ୍ରୋନ୍, ବେଲର, ଲେଜର ଏବଂ ଲ୍ୟାଣ୍ଡ ଲେଭେଲର ଆଦି ପ୍ରଦର୍ଶନ କରାଯିବ। ଏହାସହିତ କୃଷି ଓ ଆନୁସଙ୍ଗିକ ବିଭାଗ ଗୁଡିକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ଚାଷୀଙ୍କୁ ଅବଗତ କରାଯିବ। କୃଷି ପାଠଶାଳା ବ୍ୟବସ୍ଥା ମଧ କରାଯିବ। ଏହି ମେଳାରେ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ଉତ୍ପାଦନକାରୀ ବିତରକ, ଋଣ ପ୍ରଦାନକାରୀ ସଂସ୍ଥା ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଯନ୍ତ୍ରପାତି ସମ୍ପର୍କୀୟ ଜ୍ଞାନକୌଶଳ ଏହାର ବ୍ୟବହାର ଉପରେ ଚାଷୀଙ୍କୁ ସୂଚନା ଦେବେ। ମହିଳା ଏସ୍‌ଏଚ୍‌ଜିଙ୍କୁ ଏହି ମେଳାରେ ଅଧିକ ରିହାତି ବ୍ୟବସ୍ଥା ରହିଛି। କିଭଳି ଭାବେ ଚାଷୀମାନେ ଚାଷ କ୍ଷେତ୍ରରେ ଅଧିକ ଉପାର୍ଜନ କରି ନିଜ ପରିବାର ପ୍ରତିପୋଷଣ କରିବା ସହ ସମାଜକୁ ଖାଦ୍ୟ ସୁରକ୍ଷା ଦିଗରେ ସଶକ୍ତ କରିପାରିବେ ସେ ଉପରେ ଚାଷୀଙ୍କୁ ତାଲିମ ଦିଆଯିବ। ସମୟାନୁସାରେ ଚାଷ କାର୍ଯ୍ୟ, କମ୍‌ଖର୍ଚ୍ଚ ଏବଂ ଅଳ୍ପ ପରିଶ୍ରମରେ ଅଧିକ ଉପାର୍ଜନ, ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି, ଫସଲର ଗୁଣବତ୍ତା ଓ ଆୟ ବୃଦ୍ଧି ଉପରେ ଚାଷୀଙ୍କୁ ଅବଗତ କରାଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ପାଣି ସୂଚନା ଦେଇଛନ୍ତି। ଆସନ୍ତା ୩ତାରିଖ ପୂର୍ବାହ୍ନ ୧୧ଟାରୁ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରୁ କୃଷି ଯନ୍ତ୍ରପାତି ଶୋଭାଯାତ୍ରା ସହର ପରିକ୍ରମା କରିବ ଏବଂ କୃଷି ମେଳାରେ ରାଜ୍ୟର ବହୁ କୃଷି ବିଶେଷଜ୍ଞ ଯୋଗଦେବା ସହ ଜିଲାର ସମସ୍ତ ୧୪ଟି ବ୍ଲକ୍‌ର ବହୁ ଅଗ୍ରଣୀ ଚାଷୀ ଓ ଅଧିକାରୀ ଯୋଗଦେବେ ବୋଲି କୃଷି ଅଧିକାରୀ ସୁଧାକର ନନ୍ଦ ସୂଚନା ଦେଇଥିଲେ। ଏହି ମେଳା ପାଇଁ ଆୟୋଜିତ ଖବରଦାତା ସମ୍ମିଳନୀରେ ଟିଟିଲାଗଡ କୃଷି ଜିଲା ଅଧିକାରୀ ବିଶେଶ୍ୱର ସାହୁ, କୃଷି ନିର୍ବାହୀ ଯନ୍ତ୍ରୀ ଲାସା ମୁର୍ମୁ, ସହକାରୀ ନିବାହୀ ଯନ୍ତ୍ରୀ ନରେନ୍ଦ୍ର କୁମାର ପାଣିଗ୍ରାହୀ, ବ୍ଲକ୍ କୃଷି ଅଧିକାରୀ ସୁନନ୍ଦା ସାହୁ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇଥିଲେ।

### ଫେବୃୟାରୀ ୧୧ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ବଲାଙ୍ଗୀର ଅଫିସ, ୩୧।୧**

ଫେବୃୟାରୀ ୧୧ ତାରିଖ ଶନିବାର ବଲାଙ୍ଗୀର, ପାଟଣାଗଡ, ଟିଟିଲାଗଡ, କଣ୍ଟାବାଞ୍ଜି, ଲୋଇସିଂହା, ସଇଁତଳା, ମୁରିବାହାଲ ଓ ବଙ୍ଗୋମୁଣ୍ଡା ଅଦାଲତ ପରିସରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରୀ ସମ୍ବନ୍ଧୀୟ ଓ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯିବ। ଏ ସମ୍ପର୍କରେ ସବିଶେଷ ବିବରଣୀ ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗୀର ଓ ତାଲୁକ ଆଇନ ସେବା କମିଟି ପାଟଣାଗଡ, ଟିଟିଲାଗଡ, କଣ୍ଟାବାଞ୍ଜି, ଲୋଇସିଂହା, ସଇଁତଳା ଓ ମୁରିବାହାଲ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

# କବିତା ସଙ୍କଳନ ସମ୍ମୋହନ ଲୋକାର୍ପିତ

**ବଲାଙ୍ଗୀର ଅଫିସ, ୩୧।୧**

କବୟିତ୍ରୀ ସବିତା ମହରାଙ୍କ ତୃତୀୟ କବିତା ସଙ୍କଳନ ସମ୍ମୋହନର ଶୁଭ ଲୋକାର୍ପଣ ବଲାଙ୍ଗୀର ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଛି। ପ୍ରଥମ ଅଧିବେଶନରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଆନନ୍ଦପୁର ସାହିତ୍ୟ ସଂସଦ ସମ୍ପାଦକ ପ୍ରଫେସର ଗଦାଧର ମିଶ୍ର, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟା, ଡା. ଜ୍ୟୋତିର୍ମୟୀ ସାହୁ, କଥାଶିଳ୍ପୀ ମଳୟ ମିଶ୍ର ଅତିଥି ଭାବେ ଯୋଗଦେଇ କବୟିତ୍ରୀ ମହରାଙ୍କ କବିତା ସଙ୍କଳନ ସମ୍ମୋହନକୁ ପାଠକମାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ। କବି ସନ୍ଦୀପ କୁମାର କୁଅଁର ପରିଚାଳନାରେ ଅନୁଷ୍ଠିତ ଏହି ସମାରୋହରେ କବି ପୁସ୍ତମ ଜୁଆଡି ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। କବୟିତ୍ରୀ ମହରା ତାଙ୍କ କାବ୍ୟଭାବର ସ୍ଫୁରଣ ଓ ପାଠକୀୟ ଆଶା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କବିତା ସଙ୍କଳନର ଲୋକାର୍ପଣ ପରେ କବି ରାଜୀବ ଲୋଚନ ଆଚାର୍ଯ୍ୟ, ପୁସ୍ତମ ଜୁଆଡି, ସସ୍ମିତା ନେପାକ, ରାଜୀବ ପ୍ରସାଦ ଭୋଇ ସଙ୍କଳନର କବିତା ଆବୃତ୍ତି କରିଥିଲେ। ରତ୍ନମୟ ତ୍ରିପାଠୀ ସଙ୍କଳନର ଏକ ସମୀକ୍ଷାତ୍ମକ ଉପସ୍ଥାପନା କରିଥିଲେ। ଏହି ଅବସରରେ କବୟିତ୍ରୀ ମହରାଙ୍କ ବାପା ବିଦ୍ୟାଧର ମହରା ଓ ମାତା ସୁମତୀ ମହରା ମଞ୍ଚାସୀନ ଥିଲେ। ବିଭୁ କଲ୍ୟାଣ ଗଡତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ନାଟ୍ୟଭୂଷଣ ଛୁରିଆ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ପ୍ରବୀର ସେନାପତି ମଞ୍ଚାସୀନ ହୋଇଥିଲେ। କବି ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ସଂଯୋଜନାରେ ଅର୍ଦ୍ଧ ଶତାଧିକ କବି ଓ କବୟିତ୍ରୀ ସ୍ୱରଚିତ ଓଡିଆ, କୋଶଲୀ, ହିନ୍ଦୀ ଓ ଇଂଲିଶ କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ତହଁକ କୁଟୁମ ପକ୍ଷରୁ କବୟିତ୍ରୀ ସବିତା ମହରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


କବିତା ସଙ୍କଳନ ସମ୍ମୋହନକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

# ଭବିଷ୍ୟତ ନିର୍ମାଣରେ ବିଜ୍ଞାନର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସରକାରୀ ମହିଳା ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ କର୍ମଶାଳା**

**ବଲାଙ୍ଗୀର ଅଫିସ, ୩୧।୧**

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଅଧକ୍ଷ ମନୋରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଏକଦିବସୀୟ ପଦାର୍ଥ ବିଜ୍ଞାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ପରମାଣୁ ଶକ୍ତି ବିଭାଗ ଏବଂ ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ସୌଜନ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରତିଷ୍ଠାନ ରେଜିଷ୍ଟ୍ରାର ପ୍ରଫେସର ପ୍ରଦୀପ୍ତ କୁମାର ସାହୁ ଏବଂ ମୁଖ୍ୟବକ୍ତା ଭାବେ ଡ ସଚିନ୍ଦ୍ର ନାଥ ଷଡଙ୍ଗୀ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ବିଜ୍ଞାନର ଉପକାରିତା ଏବଂ ଉପଯୋଗିତା ଉପରେ ଆଲୋଚନା କରାଯାଇଥିଲା। ଅତିଥିମାନେ ବିଜ୍ଞାନର ଅଗ୍ରଗତି ଏବଂ ଆଗାମୀ ଆହ୍ୱାନ ସବୁର ସଫଳ ମୁକାବିଲା ଦିଗରେ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ କହିଥିଲେ। ଏକ ସ୍ୱୟଂସମ୍ପୂର୍ଣ୍ଣ ରାଷ୍ଟ୍ର ସହ ଏକ ପ୍ରଗତିଶୀଳ ସମାଜ ଗଠନରେ ବିଜ୍ଞାନ ବିଷୟକ ଗବେଷଣ ଏବଂ ଏଦିଗରେ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ ଯୋଗଦାନ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ସମୃଦ୍ଧ ଭବିଷ୍ୟତ ନିର୍ମାଣ ଦିଗରେ ବିଜ୍ଞାନର ମହତ୍ୱପୂର୍ଣ୍ଣ ଯୋଗଦାନ ଉପରେ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ ମହାବିଦ୍ୟାଳୟର ଶତାଧିକ ବିଜ୍ଞାନ ଛାତ୍ରୀ, ଅଧାପିକା ଏବଂ ଅଧାପକ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧାପକ ଅଜିତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଏକଦିବସୀୟ ପଦାର୍ଥ ବିଜ୍ଞାନ କର୍ମଶାଳାରେ ମଞ୍ଚାସୀନ ଅତିଥି।

# ତୋଷାଳୀ ମହୋତ୍ସବ ଉଦ୍‌ଯାପିତ

**ଗୁଡଭେଲା,୩୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ହାଇସ୍କୁଲ ଖେଳ ପଡିଆରେ ତିନି ଦିନ ଧରି ଚାଲିଥିବା ଦ୍ୱିତୀୟ ବର୍ଷ ତୋଷାଳୀ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛ। ଉଦ୍‌ଯାପନୀ ସଭାରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅଶୋକ ଚନ୍ଦ୍ର ଦୋରା, ତୁଷୁରା ଏନଏସି ଅଧକ୍ଷ ଅଜୟ କୁମାର ଜୟଶ୍ୱାଲ, ରସରାଜ ଅଚ୍ୟୁତ ପୁରୋହିତ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଲୋକଗୀତ, ପ୍ରତିଭା ସାଂସ୍କୃତିକ ଅନୁଷ୍ଠାନ, ନଟରାଜ ସଙ୍ଗୀତ ବିଦ୍ୟାଳୟର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥଇଲେ। ମହୋତ୍ସବ ଉପଦେଷ୍ଟା କମିଟି ସଭାପତି ସୁରେଶ ସାହୁ, ମହୋତ୍ସବ କମିଟି ସଭାପତି ବ୍ରହ୍ମାନନ୍ଦ ପାଣ୍ଡିଆ, ଉପସଭାପତି ଦେବବ୍ରତ ପାଣିଗ୍ରାହୀ,ଉପସଭାପତି ରାଧାରମଣ ସରାଫ, ସମ୍ପାଦକ ଜିତେନ୍ଦ୍ର ମହାପାତ୍ର, ସହ ସମ୍ପାଦକ ଅରବିନ୍ଦ କେଡିଆ, କୋଷାଧକ୍ଷ ରୋହିତ କେଡିଆ, ୟୁଥ ଏକ୍ସନ କମିଟି ସଭାପତି ଲିସନ ପ୍ରଧାନ ଉପସ୍ଥିତ ଥିଲେ।


ଅତିଥିମାନେ କଳାକାରଙ୍କୁ ସମ୍ମାନୀତ କରୁଛନ୍ତି।

# ନୂତନ ସର୍ଭେ କରି ହିତାଧିକାରୀ ଚୟନ କର

**ଦେଓଗାଁ, ୩୧।୧(ଡି.ଏନ.ଏ)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବଞ୍ଚିତ ହିତାଧିକାରୀଙ୍କୁ ସାମିଲ କରିବାକୁ ଦାବି କରିଛି ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସରପଞ୍ଚ ସଂଘ। ମଙ୍ଗଳବାର ସଂଘ ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କୁ ପ୍ରଦାନ କରାଯାଇଛି।

ସରପଞ୍ଚ ସଂଘ ସଭାପତି ଗୋପାଳଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ବ୍ଲକ ଅନ୍ତର୍ଗତ ୨୬ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବଞ୍ଚିତ ହିତାଧିକାରୀ ବ୍ଲକ ଅଫିସ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର ଯୋଗଦେଇ କହିଥିଲେ ଯେ, ୨୦୧୧ଜନଗଣନା ଭିତ୍ତିରେ କେନ୍ଦ୍ର ସରକାର ଯୋଜନା ଲାଗୁ କରିଥିବାରୁ ବର୍ତ୍ତମାନ ଅନେକ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ରହୁଛନ୍ତ। ଏଣୁ ସରକାର ଏକ ନୂତନ ସର୍ଭେକରି ପ୍ରକୃତ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କଲେ ଯୋଜନାର ପ୍ରକୃତ ଉଦ୍ଦେଶ୍ୟ ସଫଳ ହୋଇପାରିବ। ସଂଘ ସଭାପତି ମିଶ୍ର ଏଦିଗରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଥିଲେ। ବିକ୍ଷୋଭ ସଭାରେ ହାତିସରା ସରପଞ୍ଚ କେଲୋ ଡାଙ୍ଗ, ଜରାସିଂହାର କୁଶମଣୀ ମେହେର, ବ୍ରାହ୍ମଣୀଯୋରର ମହେନ୍ଦ୍ର ମଲ୍ଲିକ, ବଡବନ୍ଧ ପଞ୍ଚାୟତର ଜଗବନ୍ଧୁ ମେହେର, ଧଣ୍ଡାମାଳ ସରପଞ୍ଚ ସଞ୍ଜୁ ସିକା, ସାରସମାଲ ପଞ୍ଚାୟତର ଗୋପାଳ ବାଗ, ସିକୁଆଁର ରାଜକୁମାର ଭୋଇ, ଦେଓଗାଁର ନିନା ଛତ୍ରିଆ, ସିଂହାମୁଣ୍ଡାର ଜାହ୍ନବୀ ମାହାଣା, ଗୌରଗୋଠର ସରପଞ୍ଚ ରଞ୍ଜିତା ସାହୁ, ଅର୍ଜୁନପୁରର ଗୀତା ଜଗଦଲା, ମକୁନ୍ଦପୁରର ଜାନକୀ ସାହୁ, ରାମଚନ୍ଦ୍ରପୁର ପଞ୍ଚାୟତର ପଦ୍ମିନୀ ମିଶ୍ର ପ୍ରମୁଖ ସରପଞ୍ଚ ଯୋଗଦେଇ ବକ୍ତବ୍ୟ ରଖିଥିଲେ।


ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା**

- ବ୍ଲକ ଅଫିସ ସମ୍ମୁଖରେ ସରପଞ୍ଚ ସଂଘର ଧାରଣା

# ଧାନ ସଂଗ୍ରହରେ ସର୍ବକାଳୀନ ରେକର୍ଡ

ସୋନପୁର,୩୧।୧(ନି.ପ୍ର.)

- ୬୨୩୦୧ ଚାଷୀଙ୍କ ୩୫.୧ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ
- ୫୩୦୯୩ ଚାଷୀଙ୍କ ଆକାଉଣ୍ଟରେ ଜମା ହେଲାଣି ୭୧୪.୪୦ କୋଟି
- ବୀରମହାରାଜପୁର, ଉଲୁଣ୍ଡା ଓ ତରଭାର ବିଭିନ୍ନ ମଣ୍ଡିରେ ପଡ଼ିଛି ଧାନ

ଚଳିତ ଖରିଫ ଋତୁ ଧାନ ସଂଗ୍ରହରେ ସୁବର୍ଣ୍ଣପୁର ଜିଲା ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ସୋମବାର ସନ୍ଧ୍ୟା ସୁଦ୍ଧା ଜିଲାର ୧୦୭ ମଣ୍ଡିରୁ ୬୨୩୦୧ ଜଣ ଚାଷୀଙ୍କଠାରୁ ୩୫୦୧୯୩୫.୯୩ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଜଳସେଚିତ ବିନିକା ଓ ଡୁଙ୍ଗୁରିପାଲି ବ୍ଲକ ଏବଂ ସୋନପୁର ବ୍ଲକରେ ଧାନ ସଂଗ୍ରହ ପ୍ରକ୍ରିୟା ପ୍ରାୟତଃ ସରିଥିବା ବେଳେ ବୀରମହାରାଜପୁର, ଉଲୁଣ୍ଡା ଓ ତରଭା ବ୍ଲକରେ ଧାନ ସଂଗ୍ରହ ଜାରି ରହିଛି। ବୀରମହାରାଜପୁର ବ୍ଲକର ହିଲୁଙ୍ଗ ମଣ୍ଡିରେ ପ୍ରାୟ ୯୦୦୦ବସ୍ତା ଧାନ ପଡି ରହିଛି। ସେହିପରି ଉଲୁଣ୍ଡା ବ୍ଲକର ଯାଲୋଏ, ରକ୍ସା ଓ ମହଦା ଏବଂ ତରଭା ବ୍ଲକର ସିଂଘାରୀ, ବଡଭଇଁରୋ, ବଘିଆ ଓ ଦେଉଳପଦର ମଣ୍ଡିରେ ଚାଷୀଙ୍କ ଶତାଧିକ ବସ୍ତା ଧାନ ଗଦା ହୋଇଛି। ମାଜିଷ୍ଟ୍ରେଟ୍ ଓ ଯୋଗାଣ ବିଭାଗର ଅଧିକାରୀଙ୍କ ଫିଜିକାଲ ଭେରିଫିକେସନ ପରେ ଏହି ସବୁ ମଣ୍ଡିରୁ ଧାନ ସଂଗ୍ରହ ପାଇଁ ଟାର୍ଗେଟ୍ ଦିଆଯାଉଛି। ଆସନ୍ତା ଏକ ସପ୍ତାହ ଭିତରେ ଜିଲାରେ ଧାନ ସଂଗ୍ରହ ସରିବ। ୨୦୨୨-୨୩ ଖରିଫ ଋତୁରେ ଜିଲାର ଧାନ ସଂଗ୍ରହ ୩୭ ଲକ୍ଷ କୁଇଣ୍ଟାଲ ଛୁଇଁବ ବୋଲି ଜଣାପଡିଛି ।


ତରଭା ବ୍ଲକର ବଘିଆ ମଣ୍ଡିରେ ଚାଷୀ ଧାନ ବିକ୍ରି ପାଇଁ ରଖିଛନ୍ତି ।

୨୦୨୧-୨୨ ଖରିଫରେ ୬୪୫୬୭ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସୁବର୍ଣ୍ଣପୁର ଜିଲାରୁ ୩୪ଲକ୍ଷ ୮୬ହଜାର ୯୯୦କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଜିଲାର ଚାଷ ଜମି ବୃଦ୍ଧି ହୋଇନି। ସରକାର ଦୀର୍ଘବର୍ଷ ହେବ ଅଣଜଳସେଚିତ ଚାଷ ଜମିରୁ ଏକର ପ୍ରତି ୧୩ କୁଇଣ୍ଟାଲ ଓ ଜଳସେଚିତ ଜମିରୁ ଏକର ପ୍ରତି ୧୯ କୁଇଣ୍ଟାଲ ଧାନ କିଣୁଛନ୍ତି। ଅଣଚାଷ ଜମି ପଞ୍ଜୀକରଣକୁ ରାଜସ୍ୱ ଓ କୃଷି ବିଭାଗର କର୍ମଚାରୀ କ୍ଷେତ୍ର ପରିଦର୍ଶନ ସମୟରେ ଧରିଛନ୍ତି। ସେହିପରି ସାଟେଲାଇଟ୍ ସର୍ଭେରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ ହୋଇଥିବା ଜିଲାର ୧୨ହଜାର ଅଣ ଚାଷ ଜମି ପ୍ଲଟକୁ ବାଦ୍ ଦିଆଯାଇଥିଲା। ଏପରି ସ୍ଥିତିରେ ଚଳିତ ଥର ଜିଲାରେ ଧାନ ସଂଗ୍ରହ ବୃଦ୍ଧି ପାଇଛି। କିଛି ପାକ୍ସ ଓ ଏସ୍ଏଚ୍ଜି ଗତ ବର୍ଷଠାରୁ ଚଳିତ ବର୍ଷ ୧୦ରୁ ୨୦ ହଜାର କୁଇଣ୍ଟାଲ ଧାନ ଅଧିକ କିଣିଛନ୍ତି। ଏ ସମ୍ପର୍କରେ ନାନା ଆଲୋଚନା ହେଉଛି। ଅନ୍ୟପକ୍ଷେ ପଞ୍ଜୀକୃତ ଚାଷୀଙ୍କୁ ଭୁବନେଶ୍ୱରରୁ ଟୋକନ ଇସ୍ୟୁ ହେଉଥିବା ବେଳେ ଚାଷୀ ମଣ୍ଡିରେ ଧାନ ଗଦା କରୁଛନ୍ତି। ଚାଷୀ ଆନ୍ଦୋଳନ ଭୟରେ ଯୋଗାଣ ବିଭାଗ ଟାର୍ଗେଟ୍ ଦେବା ପାଇଁ ବାଧ ହେଉଛି।

ସୁବର୍ଣ୍ଣପୁର ଜିଲାରେ ଡିସେମ୍ବର ୫ତାରିଖରୁ ଖରିଫ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଜିଲାରେ ୬୫୫୨୩ଚାଷୀ ସେମାନଙ୍କ ବଳକା ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିଲେ। ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୦୪୦ଟଙ୍କା ଅନୁଯାୟୀ ଚାଷୀଙ୍କ ନିକଟରୁ ଧାନ କ୍ରୟ କରାଯାଉଛି। ଧାନ ବିକ୍ରି କରିଥିବା ଜିଲାର ୫୩୦୯୩ ଜଣ ଚାଷୀଙ୍କ ଆକାଉଣ୍ଟରେ ୭୧୪କୋଟି ୪୦ଲକ୍ଷ ୩୧ହଜାର ଟଙ୍କା ଜମା ହୋଇଥିବା ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ କହିଛନ୍ତି। ଚଳିତ ଥର ୩୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଓ ୬୩ଟି ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଜରିଆରେ ଯୋଗାଣ ନିଗମ ଚାଷୀଙ୍କ ନିକଟରୁ ଧାନ କ୍ରୟ କରୁଛି। ସୁବର୍ଣ୍ଣପୁର ଜିଲାର ୪୮ଜଣ ମିଲର୍ସ ସରକାରଙ୍କ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି ।

## ସଂକ୍ଷେପରେ

### ଶିକ୍ଷକଙ୍କ ମାଡ଼ରେ ୭ ଛାତ୍ରୀଛାତ୍ର ଆହତ

ବରପାଲି,୩୧।୧(ଡି.ଏନ.ଏ.): ବରଗଡ ଜିଲା ବରପାଲି ବ୍ଲକ ଟିଙ୍ଗିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଣକିଆ କହି ନ ପାରିବାରୁ ଶିକ୍ଷକଙ୍କ ମାଡ଼ରେ ୭ଜଣ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ଏ ନେଇ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଅଭିଭାବକ ମଙ୍ଗଳବାର ବରପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ସୋମବାର ଉକ୍ତ ସ୍କୁଲର ଜଣେ ଶିକ୍ଷକ ଛାତ୍ରୀଛାତ୍ରମାନଙ୍କୁ ପଣକିଆ ପଚାରିଥିଲେ। ଯେଉଁମାନେ ପଣକିଆ କହି ନ ପାରିଲେ ସେମାନଙ୍କୁ ଉକ୍ତ ଶିକ୍ଷକ ଜଣଙ୍କ ପ୍ରବଳ ପିଟିଥିଲେ। ସ୍କୁଲ ଛୁଟି ହେବା ପରେ ଛାତ୍ରୀଛାତ୍ରମାନେ ଘରକୁ ଯାଇ ଏ ସମ୍ପର୍କରେ ଅଭିଭାବକଙ୍କୁ କହିଥିଲେ। ମଙ୍ଗଳବାର ସକାଳେ ସେମାନେ ବରପାଲି ଥାନାରେ ଅଭିଯୋଗ କରିଥିଲେ। ପରେ ଆହତ ଛାତ୍ରୀଛାତ୍ରଙ୍କୁ ଆମ୍ବୁଲାନ୍ସ ଯୋଗେ ବରପାଲି ସରକାରୀ ଡାକ୍ତରଖାନାକୁ ଆଣି ଚିକିତ୍ସା କରାଯାଇଥିଲା। ସମ୍ପୃକ୍ତ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଏହି ଘଟଣା ବରପାଲି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

### ଜାତୀୟସ୍ତର ଖେଳ ପାଇଁ ମନୋନୀତ

ଜାମଟିକ୍ରା,୩୧।୧(ଡି.ଏନ.ଏ.): ଅତାବିରା ବ୍ଲକ ଗୋଡ଼ଭଗା ଶିଶୁ ମନ୍ଦିରର ଅଷ୍ଟମ ଶ୍ରେଣୀ ଛାତ୍ର ପ୍ରତ୍ୟୁଷ ପ୍ରିୟାଂଶ ଠାଟୋଇ ପାରାଦୀପଠାରେ ଅନୁଷ୍ଠିତ ପ୍ରାନ୍ତୀୟସ୍ତରୀୟ ଖେଳ (ଦୌଡ) ପ୍ରତିଯୋଗିତାରେ ପ୍ରଥମ ହୋଇଛନ୍ତି। ଏଥିପାଇଁ ଅଖିଳ ଭାରତୀୟ ଖେଳ ପ୍ରତିଯୋଗିତା ପାଇଁ ସେ ମନୋନୀତ କରାଯାଇଛି। ସେ ଲକ୍ଷ୍ନୌରେ ହେବାକୁ ଥିବା ଅଖିଳ ଭାରତୀୟ ଖେଳ ପ୍ରତିଯୋଗିତାରେ ଯୋଗ ଦେବେ ବୋଲି ଜଣାପଡିଛି।

### ପୁଣ୍ୟତିଥିରେ ଗୁରୁବାରି ମେହେରଙ୍କ ସ୍ମୃତିଚାରଣ

ବିନିକା, ୩୧।୧(ଡି.ଏନ.ଏ.) : ୩୦ ଜାନୁଆରୀ ୧୯୪୭ ମସିହାରେ ପ୍ରଜା ମଣ୍ଡଳ ଆନ୍ଦୋଳନର ନେତୃତ୍ୱ ନେଇ ପୋଲିସର ବର୍ବରତା ମାଡ଼ରେ ଶହୀଦ ହୋଇଥିଲେ ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ଗୁରୁବାରି ମେହେର। ଉକ୍ତ ଦିବସକୁ ଶହୀଦ ଦିବସ ଭାବେ ପାଳନ କରାଯାଇଛି। ବିନିକା ସିଦ୍ଧାର୍ଥ ମହାବିଦ୍ୟାଳୟରେ ପଶ୍ଚିମ ଓଡ଼ିଶାର ପ୍ରଥମ ମହିଳା ଶହୀଦ ଗୁରୁବାରଙ୍କ ସ୍ମୃତିଚାରଣ କରାଯାଇଥିଲା। ଅଧକ୍ଷ ଡ଼ ଧୀରେନ୍ଦ୍ର କୁମାର ନାୟକଙ୍କ ଅଧକ୍ଷତାରେ କଲେଜ କନଫରେନ୍ସ ହଲରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ସୃଜନ କୁମାର ପଣ୍ଡା, ସମ୍ମାନୀତ ଅତିଥି ଅଧାପକ ଗୋପାଳ ଦାସ, ମନୋରଞ୍ଜନ ପଧାନ ଯୋଗଦେଇଥିଲା। ଦେଶ ମାତୃକାର ସେବା ପାଇଁ ଗୁରୁବାରି ଯେଉଁପରି ପ୍ରାଣବଳି ଦେଇଥିଲେ ଅତିମାନେ ତାହାର ସ୍ମୃତିଚାରଣ କରିଥିଲେ। ଶହୀଦ ଗୁରୁବାରି ମେହେରଙ୍କ ତ୍ୟାଗପୁତ ଜୀବନ ସମ୍ପର୍କରେ ଆଗାମୀ ପୀଢ଼ିକୁ କିପରି ଅବଗତ କରାଯିବ ସେ ଦିଗରେ ପଦକ୍ଷେପ ନେବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ପାଟଣାଗଡର ଚିତ୍ରଶିଳ୍ପୀ ଅନ୍ତର୍ଯ୍ୟାମୀ ମେହେର ଗୁରୁବାରି ମେହେରଙ୍କ ଆଙ୍କିଥିବା କାଳ୍ପନିକ ଚିତ୍ରକୁ ପ୍ରଦର୍ଶିତ କରାଯାଇଥିଲା। ଅଧାପକ ଅଭିଳାଶ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ବିଜ୍ଞାନ କେନ୍ଦ୍ରରେ ବଢ଼ିଲା ଟିକେଟ ଦର

ବରଗଡ଼ ଅଫିସ୍,୩୧।୧

ବରଗଡ଼ ସହର ଉପକଣ୍ଠ ଗୁରୁର୍ଲା ସ୍ଥିତ ବିଜ୍ଞାନ କେନ୍ଦ୍ରର ନୂତନ ଦର ତାଲିକା ପ୍ରକାଶ ପାଇଛି। ବୁଧବାରଠାରୁ ଏହି ଦର ଲାଗୁ ହେବ ବୋଲି ବରଗଡ଼ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ, ପ୍ରତ୍ୟେକ ସାଧାରଣ ଦର୍ଶକଙ୍କ ପାଇଁ ପ୍ରବେଶ ମୂଲ୍ୟ ୨୫ଟଙ୍କା, ତ୍ରିମାତ୍ରୀୟ(୩ଡି) ପ୍ରେକ୍ଷାଳୟ ପାଇଁ ୨୫ଟଙ୍କା ରହିଛି। ସେହିପରି ଦଳଗତ (୧୫ଜଣ କିମ୍ବା ଅଧିକ) ସରକାରୀ ବିଦ୍ୟାଳୟର ପ୍ରତ୍ୟେକ ଦର୍ଶକଙ୍କ ପାଇଁ ପ୍ରବେଶ ମୂଲ୍ୟ ୧୦ଟଙ୍କା, ତ୍ରିମାତ୍ରୀୟ(୩ଡି) ପ୍ରେକ୍ଷାଳୟ ପାଇଁ ୧୦ଟଙ୍କା, ତାରାମଣ୍ଡଳ ପାଇଁ ୧୦ଟଙ୍କା ରହିଛି। ସେହିପରି ଦଳଗତ (୧୫ଜଣ କିମ୍ବା ଅଧିକ) ବେସରକାରୀ ବିଦ୍ୟାଳୟର ପ୍ରତ୍ୟେକ ଦର୍ଶକଙ୍କ ପାଇଁ ପ୍ରବେଶ ମୂଲ୍ୟ ୧୫ଟଙ୍କା, ତ୍ରିମାତ୍ରୀୟ (୩ଡି) ପ୍ରେକ୍ଷାଳୟ ପାଇଁ ୧୫ଟଙ୍କା, ତାରାମଣ୍ଡଳ ପାଇଁ ୧୦ଟଙ୍କା ରହିଥିବା ସୂଚନା ଦିଆଯାଇଛି ।

## ବ୍ରାହ୍ମଣଡିହିରେ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପାଇକମାଲ, ୩୧।୧(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ବ୍ଲକ ବ୍ରାହ୍ମଣଡିହି ଗ୍ରାମରେ ନବନିର୍ମିତ ଓଁକାରେଶ୍ୱର ମନ୍ଦିର ଓ ନୂତନ ପୁଷ୍କରଣୀକୁ ରୀତିନୀତିରେ ପ୍ରତିଷ୍ଠା କରାଯାଇଛି। ଗୌରୀ ରାଉତ ଓ ମୀନକେତନ ରାଉତଙ୍କ ପ୍ରଦତ୍ତ ଜମିରେ ଡା. ପଙ୍କଜିନୀ ରାଉତ ଏହି ମନ୍ଦିର ଓ ପୁଷ୍କରିଣୀ କରିଛନ୍ତି। ମନ୍ଦିର ପ୍ରତିଷ୍ଠାରେ ଶରତ ରାଉତ ଓ ବନଫୁଲ ରାଉତ ଦମ୍ପତି ଏବଂ ପୁଷ୍କରିଣୀ ପ୍ରତିଷ୍ଠା ଉତ୍ସବରେ ପୀତବାସ ରାଉତ ଓ ମମତା ରାଉତ ଦମ୍ପତି କର୍ତ୍ତା ଭାବେ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଆର୍ଯ୍ୟ ସମାଜର ସୋମବେଶ ସରସ୍ୱତୀ ଓ ସହକର୍ମୀ ପୂଜା ହୋମ କରିଥିଲେ। ଏଥିରେ ବ୍ରାହ୍ମଣଡିହି, ଜାରିଂ, ବୁକୁରାମୁଣ୍ଡା, କୋକନରା ଗ୍ରାମର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରି କରିଥିଲେ । ଗୋବିନ୍ଦ ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଆମ ପୋଲିସ ସମିତି ବୈଠକ

ତରଭା, ୩୧।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ଥାନା ପରିସରରେ ମଙ୍ଗଳବାର ଆଇଆଇସି ସୁବ୍ରତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ସଭ୍ୟମାନେ ଟାଟା ପାୱାର କର୍ମଚାରୀଙ୍କ ବିଜୁଳି ବିଲ ଆଦାୟ ସମୟରେ ଅହେତୁକ ଜୁଲୁମକୁ ନିନ୍ଦା କରିଥିଲେ। ଏଥିସହ ତରଭାରେ ଟ୍ରାଫିକ ସମସ୍ୟା, ବୁଲା ଗୋରୁଙ୍କ ଦ୍ୱାରା ଘଟୁଥିବା ଦୁର୍ଘଟଣା, ବିଭିନ୍ନ କ୍ରସରର ହାଇୱା ଗାଡିର ଦ୍ରୁତ ଚାଳନା, ପଥର ଚିପ୍ସରୁ ଉଡୁଥିବା ଧୂଳି ଦ୍ୱାରା ବାଟୋଇମାନେ ସମ୍ମୁଖୀନ ହେଉଥିବା ଅସୁବିଧା ପ୍ରସଙ୍ଗ ଉଠାଇଥିଲେ। ଫଳିଥିନ ଡାଙ୍କି ମାଲବୁହା ଟ୍ରକ ଚାଳନାକୁ କଡାକଡି କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ପେଟ୍ରୋଲ ପମ୍ପଠାରୁ ବଡ଼ବନ୍ଧ ଦେଇ ଯାଇଥିବା ବାଇପାସ ରାସ୍ତାର ବାପୁଜୀ କ୍ଲବ ନିକଟ ରାସ୍ତା ଉପରେ ନର୍ଦ୍ଦମା ପାଣି ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏହାର ସ୍ଥାୟୀ ପ୍ରତିକାର କରିବାକୁ ସଭ୍ୟମାନେ ପ୍ରସ୍ତାବ ଦେଇଥିଲେ। ବୈଠକରେ ଅଶୋକ ସାହୁ, ମାନଭଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ, କପିଳାସ ସେଠ, ମନୋଜ ମନହିରା, ରାଜେଶ ମେହେର, ଜୟ ପ୍ରକାଶ ସାହୁ, ରାମ ସାହୁ, ଭୋଳା ବର୍ମା, ସୁକାନ୍ତ ମିଶ୍ର, ହିରଣ୍ମୟ ପଟନାୟକ, ଅରୁଣ ସାହୁ, ମହାବୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବରତୁଣ୍ଡାକୁ ହରାଇ ଭୂତମୁଣ୍ଡା ଚାମ୍ପିୟନ

ପାଇକମାଲ, ୩୧।୧(ଡି.ଏନ.ଏ.)

ଭୂତମୁଣ୍ଡା ବୁଢ଼ାରଜା କ୍ରିକେଟ

ବରଗଡ ଜିଲା ପାଇକମାଲ ବ୍ଲକ ଭୂତମୁଣ୍ଡା ବୁଢ଼ାରଜା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ଆୟୋଜକ ଭୂତମୁଣ୍ଡା ଦଳ ବରତୁଣ୍ଡାକୁ ହରାଇ ଚାମ୍ପିୟନ ହୋଇଛି। ବରତୁଣ୍ଡା ଓ ଛିନ୍ଦପାଣି ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବରତୁଣ୍ଡା ଦଳ ଏବଂ ଭୂତମୁଣ୍ଡା ଓ ସାଇପଲା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲରେ ଭୂତମୁଣ୍ଡା ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ। ଭୂତମୁଣ୍ଡା ଓ ବରତୁଣ୍ଡା ମଧ୍ୟରେ ଫାଇନାଲ ମ୍ୟାଚ୍‌ରେ ଭୂତମୁଣ୍ଡା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ନେପାଳ ମାଝୀ ଓ କାଳିଆ ସେଠ ଖେଳ ପରିଚାଳନା କରିଥିଲେ। ଶିଶିର ପ୍ରଧାନ ସ୍କୋରର ଥିବା ବେଳେ କୈଳାସ ମାଝୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଓ ଓଡ଼ିଶା ଯୁବ ସଙ୍ଗଠନ ସମ୍ପାଦକ ପ୍ରିତେଶ ବହିଦାର, ଡଃ ରାକେଶ ସାହୁ, ଗ୍ରାମ୍ୟ କମିଟି ସଭାପତି ସୁବାଷ ଚନ୍ଦ୍ର ମହାନ୍ତି, ସମ୍ପାଦକ ଲବ ପଟେଲ, ଲମ୍ବୋଦର ପଟେଲ, ପରମାନନ୍ଦ ପ୍ରଧାନ, ମଳୟ କୁମାର ମହାନ୍ତି, ଜଗଦୀଶ ନାୟକ, ସନ୍ତୋଷ ପ୍ରଧାନ, ଅକ୍ରୂର ମାଝୀ, ଭଜନ ପ୍ରଧାନ ଓ ଦିଲ୍ଲୀପ ବଢେଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଦଳର କିଶୋର ପଟେଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ହେମନ୍ତ ମାଝୀଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ପୁରସ୍କୃତ କରାଯାଇଥିଲା। ଅଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସୌମ୍ୟରଞ୍ଜନ ମହାନ୍ତି, ଆଶିଷ ପ୍ରଧାନ, ଅମିୟ ପ୍ରଧାନ, ଜୟକାନ୍ତ ମାଝୀ, ଭରତ ଧରୁଆ, ଚକ୍ରଧର ପ୍ରଧାନ, ହେମନ୍ତ ମାଝୀ, ଅଜିତ ପ୍ରଧାନ, ସୁରୁ ପ୍ରଧାନ, ବିହାରୀ ପଟେଲ ପ୍ରମୁଖ ସହଯୋଗ କରିଥିଲେ।

## ସରପଞ୍ଚଙ୍କ ଆଶୀର୍ବାଦ ଭିକ୍ଷା କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୩୧।୧

ନିର୍ବାଚନ ସରିଗଲା ପରେ ଅଧିକାଂଶ ବିଜୟୀ ପ୍ରାର୍ଥୀଙ୍କ କ୍ଷେତ୍ରରେ ଲୋକଙ୍କ ପ୍ରତି ନିର୍ବାଚନ ପୂର୍ବ ସମ୍ମାନରେ ବହୁତ ପରିବର୍ତ୍ତନ ଦେଖାଯାଇଥାଏ। କିନ୍ତୁ ଏଭଳି ମଧ୍ୟ ଅନେକ ଜନ ପ୍ରତିନିଧି ଅଛନ୍ତି, ଯେଉଁମାନେ ଲୋକଙ୍କ ପ୍ରତି ସେହି ସମ୍ମାନ ଜାରି ରଖିଥାନ୍ତି। ଏଭଳି ଜଣେ ଯୁବ ସରପଞ୍ଚ ହେଲେ ବରଗଡ଼ ବ୍ଲକ କଟାପାଲି ପଞ୍ଚାୟତର ସନ୍ତୋଷ ସାହୁ । ସେ ସରପଞ୍ଚ ନିର୍ବାଚିତ ହେବା ପରେ ଲୋକଙ୍କ ପାଖରେ ପହଞ୍ଚୁଛନ୍ତି। ନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ସେ ସମ୍ପର୍କରେ ସେମାନଙ୍କ ସହିତ ଆଲୋଚନା କରି ପ୍ରତିଶ୍ରୁତି ପୂରଣ ପାଇଁ ଆଗେଇ ଆସିଛନ୍ତି ଏବଂ ଏଥିପାଇଁ ଆଶୀର୍ବାଦ ଭିକ୍ଷା କାର୍ଯ୍ୟକ୍ରମ ଆୟୋଜନ କରିଚାଲିଛନ୍ତି। ଏହି କ୍ରମରେ ମଙ୍ଗଳବାର ସେ ପଞ୍ଚାୟତର ଅସହାୟ ବୃଦ୍ଧାବୃଦ୍ଧଙ୍କୁ ନିଜସ୍ୱ ପାଣ୍ଠିରୁ ବସ୍ତ୍ର ପ୍ରଦାନ ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସମିତିସଭ୍ୟ ଦୀପକ ବିଶ୍ୱାଳ, ବାଳଗୋବିନ୍ଦ ସାହୁ, ମହେନ୍ଦ୍ର ପ୍ରଧାନ, ପରମାନନ୍ଦ ମହାନ୍ତି, ବିରବଲ ମଲ୍ଲିକ, ୱାର୍ଡସଭ୍ୟାସଭ୍ୟ, ପଞ୍ଚାୟତ ଇଓ ଚିତ୍ରସେନ ମେହେର ପ୍ରମୁଖ ଉପସ୍ଥିତ ଥିଲେ।


ଆଶୀର୍ବାଦ ଭିକ୍ଷା କାର୍ଯ୍ୟକ୍ରମରେ ବସ୍ତ୍ରଦାନ କରାଯାଉଛି ।

## କ୍ରିକେଟ : ବୁକୁରାମୁଣ୍ଡା ଚାମ୍ପିୟନ


କୃତୀ ଦଳକୁ ପୁରସ୍କୃତ କରାଯାଉଛି।

ପାଇକମାଲ, ୩୧।୧(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ଏମ୍ଇ ସ୍କୁଲ ଖେଳ ପଡିଆରେ ସିଏଚ୍‌ସିସ୍ତରୀୟ ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡଭା ସିଏଚ୍‌ସିକୁ ହରାଇ ବୁକୁରାମୁଣ୍ଡା ସିଏଚ୍‌ସି ଚାମ୍ପିୟନ ହୋଇଛି। ଡା. ସୌର୍ଯ୍ୟ ରଞ୍ଜନ ଦାସ ଏବଂ ଡା. ଶ୍ରୀଧର ପ୍ରଧାନ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସୁଶାନ୍ତ ପାଣିଗ୍ରାହୀ ଓ ଡା. ସୁନିଲ ନାଗ ଖେଳ ପରିଚାଳନା କରିଥିଲେ। ତୁଷ କୁମାର ଚନ୍ଦ୍ରକାର, ରେବତି ମୋହନ ଜେନା, ସତ୍ୟ ଭୂଷଣ ସାହୁ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ପାଇକମାଳ, ଜମଲା, ଡଭା, ବୁକୁରାମୁଣ୍ଡା ଦଳ ଅଂଶଗ୍ରହଣ କରିଥିଲେ। ଅତିଥିମାନେ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର

ଅମରପାଲି,୩୧।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଛୁଣି ପଞ୍ଚାୟତ ଭୁଡିଆପାଲି ସ୍ଥିତ ପରମେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ସୁବାଷ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ କୋଅର୍ଡିନେଟର ସେଫାଳି ପଣ୍ଡା ଓ ସୁଦାମ ଚନ୍ଦ୍ର ମହାକୁର ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀମାନେ ନିଜର ସୁରକ୍ଷା ପଇଁ ଆତ୍ମସୁରକ୍ଷା ତାଲିମର ଆବଶ୍ୟକ ରହିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।ଏହି ଅବସରରେ କଲେଜର ୬୯ଜଣ ଛାତ୍ରୀ ତାଲିମ ଗ୍ରହଣ କରିଥିଲେ। ମାମି ଘିବିଲା ଓ ବାସନ୍ତି ମହାନନ୍ଦ ମାଷ୍ଟର ଟ୍ରେନର ଭାବେ ତାଲିମ ପ୍ରଦାନ କରିଥିଲେ।

## ସଫଳତା ପାଇଁ ପ୍ରଚେଷ୍ଟା ଜାରି ରଖ

ଅମରପାଲି,୩୧।୧(ଡି.ଏନ.ଏ)

ସୁବଳୟା ମହାବିଦ୍ୟାଳୟ ବାର୍ଷିକ ଉତ୍ସବ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଯୁକ୍ତ ୨ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଭୋଲାନାଥ କର୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ତରଭା ଏ.ଇ.ଏସ କଲେଜ ଅଧକ୍ଷା ସୁଶ୍ରୀ ମୀନତି ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। କବିତା ସଂକଳନ ଆଳରେ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଗଢିବାକୁ ସେ ଉପଦେଶ ଦେଇଥିଲେ। ଏହା ସହିତ ଏକାଗ୍ରତା ଓ ପ୍ରଚେଷ୍ଟା ମାଧ୍ୟମରେ ଯେକୌଣସି କାର୍ଯ୍ୟ ହାସଲ କରାଯାଇ ପାରେ। ତେଣୁ ସଫଳତା ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ପରାମର୍ଶ ପ୍ରଦାନ କରିଥିଲେ। ବିନିକା ସିଦ୍ଧାର୍ଥ ଡିଗ୍ରି ମହାବିଦ୍ୟାଳୟର ଅଧକ୍ଷ ଧିରେନ୍ଦ୍ର କୁମାର ନାୟକ ମୁଖ୍ୟବକ୍ତାଭାବେ ଯୋଗଦେଇ ପାଠ୍ୟ ପୁସ୍ତକ ସହ ଅନ୍ୟାନ୍ୟ ଶିକ୍ଷଣୀୟ ଜିନିଷ ଉପରେ ଆଗ୍ରହ ସୃଷ୍ଟି କରିବାକୁ କହିଥିଲେ। ଅଧାପକ ରମାକାନ୍ତ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ଦେବାଶିଷ ପଧାନ ସଭା ସଂଯୋଜନା କରିଥିଲେ । ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତି ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇ ଥିଲା। ଗତ ୨୦୨୨ ଶିକ୍ଷାବର୍ଷରେ +୨ରେ କଲେଜରେ ସର୍ବାଧିକ ନମ୍ବର ରଖି ପାସ କରିଥିବା ସୁମନ ମେହେରଙ୍କୁ ବ୍ରଜମୋହନ ମିଶ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କଲେଜରୁ ଅବସର ଗ୍ରହଣ କରିଥିବା ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ସମ୍ମାନୀତ କରାଯାଇଥିଲା। ସଭା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

## ତାଲିକାରୁ ବାଦ୍ ପଡ଼ିଲେ ୩୦୦ ଅଯୋଗ୍ୟ

ସୋନପୁର,୩୧।୧(ନି.ପ୍ର.)

PMAY-G

- ଅନୁମୋଦିତ ହେଲା ଆବାସ ଯୋଜନା ତାଲିକା
- ୫୬୫ ଜଣଙ୍କ ନାମରେ ଆସିଥିଲା ଅଭିଯୋଗ

ସୁବର୍ଣ୍ଣପୁର ଜିଲାର ସମସ୍ତ ୧୦୯ ଗ୍ରାମ ପଞ୍ଚାୟତରେ ଗ୍ରାମସଭା ହୋଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ର ତାଲିକା ଅନୁମୋଦିତ ହୋଇଛି। ଅଭିଯୋଗ ପରେ ପୂର୍ବ ପ୍ରକାଶିତ ସମ୍ଭାବ୍ୟ ତାଲିକାରୁ ୩୦୦ ଅଯୋଗ୍ୟଙ୍କୁ ବାଦ୍ ଦିଆଯାଇଛି। ଜିଲାର ୧୦୦ ପଞ୍ଚାୟତରେ ପୂର୍ବରୁ ଗ୍ରାମସଭା ସମ୍ପୂର୍ଣ୍ଣ ହୋଇ ତାଲିକାକୁ ଅନୁମୋଦନ ମିଳିଥିଲା। ତେବେ ଡୁଙ୍ଗୁରିପାଲି ବ୍ଲକର ୯ ପଞ୍ଚାୟତରେ ଏହି ପ୍ରକ୍ରିୟା ନିର୍ଦ୍ଧାରିତ ସମୟରେ ସରି ନ ଥିଲା। ଉକ୍ତ ୯ ପଞ୍ଚାୟତରେ ସୋମବାର ପୁନଃ ଗ୍ରାମସଭା ହୋଇଥିଲା। ସରକାର ଏହି ଜିଲାକୁ ୧୫ହଜାର ୧୬ଟି ସାଧାରଣ ପିଏମ୍ଏୱାଇ(ଜି) ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାକୁ ନେଇ ସବୁଠି ଅସନ୍ତୋଷ ପ୍ରକାଶ ପାଇଥିଲା। କିନ୍ତୁ ସଚେତନତା ଅଭାବରୁ ତାଲିକାରେ ଥିବା ଅଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ଲୋକେ ଅଭିଯୋଗ କରିନଥିଲେ। ଅଭିଯୋଗ କଲେ ପରିଚୟ ପ୍ରଘଟ ହେବା ଆଶଙ୍କାରେ ଲୋକେ ଚୁପ୍ ରହିବାକୁ ଉଚିତ ମନେ କରିଥିବା ଚର୍ଚ୍ଚା ହେଉଛି।

ଜାନୁୟାରୀ ୧୬ ତାରିଖରେ ସମ୍ଭାବ୍ୟ ହିତାଧିକାରୀଙ୍କ ନାମ ତାଲିକା ଜିଲାର ସମସ୍ତ ୧୦୯ପଞ୍ଚାୟତ କାର୍ଯ୍ୟାଳୟ, ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଲଗାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରୁ ବାଦ୍ ପଡିଥିବା ବ୍ୟକ୍ତିମାନେ ଘର ପାଇବା ପାଇଁ ୨୦୧୭ ମେ ମାସରେ ଆବେଦନ କରିଥିଲେ। ଯାଞ୍ଚ ପରେ ଜିଲାର ୧୮ହଜାର ୮୧୩ ଜଣ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରା ଯାଇଥିଲା। ତଦନୁଯାୟୀ ସୋନପୁର ବ୍ଲକରେ ୧୭୪୦, ତରଭାରେ ୨୫୨୫, ଡୁଙ୍ଗୁରିପାଲିରେ ୩୮୨୪, ବିନିକାରେ ୨୬୧୭, ଉଲୁଣ୍ଡାରେ ୨୬୨୧ ଓ ବୀରମହାରାଜପୁରରେ ୧୬୮୯ ଜଣ ହିତାଧିକାରୀଙ୍କ ନାମ ତାଲିକାରେ ଥିଲା। ଏହି ତାଲିକାରୁ ବାଦ୍ ପଡିଥିବା ବହୁଯୋଗ୍ୟ ବ୍ୟକ୍ତି ଜିଲା ଓ ବ୍ଲକ ପ୍ରଶାସନର ଯାଞ୍ଚ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଥିଲେ। ତାଲିକାରେ ଥିବା ୫୬୫ ଜଣ ଆବାସ ଯୋଜନାରେ ସାମିଲ ହେବା ପାଇଁ ଅଯୋଗ୍ୟ ବୋଲି ଜାନୁୟାରୀ ୨୪ ତାରିଖ ମଧ୍ୟରେ ଅଭିଯୋଗ ହୋଇଥିଲା। ବ୍ଲକସ୍ତରରେ ଗଠିତ କମିଟି ଅଭିଯୋଗର ଯାଞ୍ଚ କରିଥିଲା। ଯାଞ୍ଚ ପରେ ୨୬୫ଜଣ ଆବାସ ଯୋଜନାରେ ଘର ପାଇବାକୁ ଯୋଗ୍ୟ ଓ ୩୦୦ ଜଣ ଅଯୋଗ୍ୟ ବୋଲି ରିପୋର୍ଟ ହୋଇଛି। ପ୍ରକାଶିତ ତାଲିକାକୁ ନେଇ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଅସନ୍ତୁଷ୍ଟ ଥିଲେ। ତେବେ ପ୍ରଶାସନିକ ଅଧିକାରୀଙ୍କ ଚାପ ଓ ହିତାଧିକାରୀଙ୍କୁ ଘର ମିଳିବାରେ ବିଳମ୍ବ କାରଣରୁ ସରପଞ୍ଚମାନେ ଗ୍ରାମସଭାରେ ଆବାସ ଯୋଜନାର ତାଲିକାକୁ ଅନୁମୋଦନ କରିଥିଲେ। ସଦ୍ୟ ତାଲିକାରେ ବହୁ ଅଯୋଗ୍ୟ ବ୍ୟକ୍ତି ସାମିଲ ହେବାରେ ସକ୍ଷମ ହୋଇଛନ୍ତି। ଯେଉଁମାନଙ୍କର ୧୦ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ଅଛି, କୋଠା ଘର ରହିଛି ସେମାନେ ଯୋଗ୍ୟ ହିତାଧିକାରୀ ହୋଇଥିବା ବେଳେ ଗରିବ ଲୋକ ସାମିଲ ହୋଇ ପାରିନାହାନ୍ତି। ପୂର୍ବରୁ ଜିଲାର ବିନିକା ବ୍ଲକ ଚରଦା ପଞ୍ଚାୟତର ଫୁଲମୁଠି ଓ ଭଣ୍ଡାର ପଞ୍ଚାୟତର ଭଣ୍ଡାର ଗାଁ, ସୋନପୁର ବ୍ଲକର ମାଟିଆପାଲି, ଜନମୁରା ଗାଁ, ତରଭା ବ୍ଲକର ପାଇକବାହାଲ ପଞ୍ଚାୟତ, ଡୁଙ୍ଗୁରିପାଲି ବ୍ଲକ ଓ ବୀରମହାରାଜପୁର ବ୍ଲକର ସଂଗ୍ରାମପୁର ଗାଁରେ ଅଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରେ ସାମିଲ ହେଲା ଭଳି ଘଟଣାର ପୁନରାବୃତ୍ତି ହେବ ବୋଲି ଆଲୋଚନା ହେଉଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧ ଫେବୃୟାରୀ, ୨୦୨୩



## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ବ୍ରଜରାଜନଗର,୩୧।୧(ଡି.ଏନ.ଏ.):** ବ୍ରଜରାଜନଗର ଥାନା ଅନ୍ତର୍ଗତ ଇତାଭଟା ଗ୍ରାମରେ ମଙ୍ଗଳବାର ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ ଜଣେ ଯୁବକ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗୋବର୍ଦ୍ଧନ ବେସନ (୪୦)। ପରିବାର ଲୋକଙ୍କ କହିବା ଅନୁଯାୟୀ ଗୋବର୍ଦ୍ଧନ ଅଧିକାଂଶ ସମୟରେ ନିଶାସକ୍ତ ରହି ପରିବାରରେ ଅଶାନ୍ତି ସୃଷ୍ଟି କରୁଥିଲେ। ଏ ନେଇ ସେମାନେ ପୂର୍ବରୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ମଧ ତାଙ୍କୁ ବୁଝାଶୁଝା କରାଯାଇଥିଲା। ଏପରିସ୍ଥଳେ ମଧାହ୍ନରେ କେହି ନ ଥିବା ସୁଯୋଗ ନେଇ ସେ ଏଭଳି ପଦକ୍ଷେପ ନେଇଥିଲେ।

### ନବ ଦାସଙ୍କ ବିୟୋଗରେ ଶୋକ

**କୋଲାବିରା,୩୧।୧(ଡି.ଏନ.ଏ):** ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଅକାଳ ବିୟୋଗରେ ମଙ୍ଗଳବାର କୋଲାବିରା ବିଜୁ ଯୁବ ଜନତା ଦଳ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବ୍ଲକ ଯୁବ ସଭାପତି ପ୍ରବୀଣ ସାହୁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ନବବାବୁଙ୍କ ବିୟୋଗ ଦଳ ତଥା ପଶ୍ଚିମ ଓଡ଼ିଶା ପାଇଁ ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ କହିଥିଲେ। ଏଥିରେ ବ୍ଲକ ସଭାପତି ପ୍ରବିଣ ସାହୁ, ବରିଷ୍ଠ କର୍ମୀ ବୀରେନ୍ଦ୍ର କୁମାର ମହାପାତ୍ର, କୋଲାବିରା ସରପଞ୍ଚ ଚେତାନନ୍ଦ ନଇ, ଶ୍ରୀମନ୍ତ ସାହୁ, ବୁଲୁ ମହାପାତ୍ର, ଭୀମସେନ ଭଞ୍ଜ ଉପସ୍ଥିତ ଥିଲେ।

### ୨ ଯନ୍ତ୍ରୀଙ୍କ ବଦଳି ଦାବି କଲେ ଜନପ୍ରତିନିଧି

**ଦେଓଗାଁ ,୩୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏହାକୁ ନେଇ ଜନପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏନେଇ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସରପଞ୍ଚମାନେ ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କୁ ସାକ୍ଷାତ୍ କରି ସମସ୍ୟା ସମାଧାନ ଉପରେ ଆଲୋଚନା କରିଛନ୍ତି। ଏପରିକି ନୂତନଭାବେ ଯୋଗଦେଇଥିବା ଦୁଇଜଣ ଯନ୍ତ୍ରୀ ଫୋନ ମଧ ଉଠାଉ ନ ଥିବା ଗୌରଗୋଠ ସରପଞ୍ଚ ରଞ୍ଜିତା ସାହୁ ଅଭିଯୋଗ କରିଥିଲେ । ଅନ୍ୟପକ୍ଷେ ସମ୍ପୃକ୍ତ ଯନ୍ତ୍ରୀ କାର୍ଯ୍ୟସ୍ଥଳକୁ ଆସୁ ନ ଥିବା ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର କହିଛନ୍ତି। ଯନ୍ତ୍ରୀମାନଙ୍କ ଅବହେଳା ଯୋଗୁଁ ମାସମାସ ଧରି କାମ ପଡିରହୁଥିବା ଜରାସିଂହା ସମିତି ସଭ୍ୟ ଅମିତ କୁମାର ତ୍ରିପାଠୀ ଅଭିଯୋଗ କରିଥିଲେ । ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ବର୍ଷେ ବିତି ଯାଇଥିଲେ ହେଁ ପଞ୍ଚାୟତମାନଙ୍କରେ କୌଣସି ଆଖିଦୃଶିଆ କାମ ହୋଇପାରୁ ନ ଥିବା ରୁ ଅବିଳମ୍ବେ ପ୍ରଶାସନ ପଦକ୍ଷେପ ନେବାକୁ ସରପଞ୍ଚ ସଂଘ ସଭାପତି ତଥା ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର କହିଛନ୍ତି। ସମ୍ପୃକ୍ତ ଦୁଇ ଯନ୍ତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ ସେ ଦାବି କରିଥିଲେ ।

### ବଜରଙ୍ଗବାଲି କପ୍ କ୍ରିକେଟ: ସାନଗୁର୍ଜିଭଟା ବିଜୟୀ

**ଖପ୍ରାଖୋଲ,୩୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବଡଗୁର୍ଜିଭଟା ଗାଁରେ ୧୧ତମ ବଜରଙ୍ଗବଲି କପ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଗିରିଧାରୀ ନାଗ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ସତ୍ୟାନନ୍ଦ ସେନ୍ଦ୍ରିଆ, ଆୟୋଜକ କମିଟି ସଭାପତି ହରିବୋଲ ପୋଡ଼, ଅଭୟ ତ୍ରିପାଠୀ, ଉମାକାନ୍ତ ପ୍ରଧାନ, ଶିବା ସୁନା, ଭାସ୍କର ଦାଶ ପ୍ରମୁଖ ଯୋଗଦେଇଥିଲେ।

# ଆଦିବାସୀ ଦେଲେ ରଣହୁଙ୍କାର

## ସୁନ୍ଦରଗଡ଼ ଜିଲା ବିଭାଜନକୁ ବିରୋଧ

**ରାଉରକେଲା ଅଫିସ,୩୧।୧**

ସୁନ୍ଦରଗଡ ଜିଲା ବିଭାଜନ ଦାବିକୁ ବିରୋଧ କରି ଆଦିବାସୀମାନେ ରଣହୁଙ୍କାର ଦେଇଛନ୍ତି। ଏହି କ୍ରମରେ ସୁନ୍ଦରଗଡ଼ ଜିଲାର ହଜାର ହଜାର ଆଦିବାସୀ ମଙ୍ଗଳବାର ରାଉରକେଲାରେ ଶୋଭାଯାତ୍ରା କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଆଦିବାସୀ ମୂଳବାସୀ ବଞ୍ଚାଓ ମଞ୍ଚର ଜିଲା ଆବାହକ ଲେଥା ତିର୍କୀ, ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ଆଦିବାସୀ ମୂଳନିବାସୀ ଅଧିକାର ମଞ୍ଚର ଆବାହକ ଅନୀଲ ଏକ୍କା, ଡେମ ଓରାମ, ସୁପ୍ରିୟ ବିଡୋ ଉଇଲିୟମ, ବୁଧକାର ଟଡୋ, ବାକ୍ ଲକଡାଙ୍କ ସମେତ ଜିଲାର ୨୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ସଙ୍ଗଠନ ସାମିଲ ହୋଇଥିଲେ।



ଆଦିବାସୀମାନେ ଶୋଭାଯାତ୍ରାରେ ଆସି ଏଡିଏମ୍‌ଙ୍କ ଅଫିସ ସମ୍ମୁଖରେ ଏକାଠି ହୋଇଛନ୍ତି।

ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଆଦିବାସୀମାନେ ବିର୍ସା ମୁଣ୍ଡା ଛକରେ ଥିବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ରାଉରକେଲା ଏଡିଏମ୍‌ଙ୍କ କାର୍ଯ୍ୟାଳୟ ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିଲେ। ୫ ଘଣ୍ଟାର ଶୋଭାଯାତ୍ରା ପରେ ଦୀର୍ଘ ୭କିମି ପଥ ଅତିକ୍ରମ କରି ସେମାନେ ରାଉରକେଲା ଏଡିଏମ୍‌ଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ସେମାନେ ଏଡିଏମ୍ ଶୁଭଙ୍କର ମହାପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ବିଧିବଦ୍ଧ ଭାବେ ଜିଲା ବିଭାଜନ ଦାବି ଖଣ୍ଡନ କରା ନ ହେଲେ ଆଗକୁ ରାଉରକେଲା ସହରର ପ୍ରତ୍ୟେକ ଗଳିକନ୍ଦିରେ ଆନ୍ଦୋଳନ ଜୋରଦାର ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଆଇନଶୃଙ୍ଖଳା ପାଇଁ ୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ: ସଂକୀର୍ତ୍ତନ ଦଳର ୨୦ରୁ ଊର୍ଦ୍ଧ୍ୱ ଆହତ

**ଝାରସୁଗୁଡ଼ା ଅଫିସ,୩୧।୧**

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥ ଭିକମପାଲି କଦମ୍ବଘାଟ ନିକଟରେ ମଙ୍ଗଳବାର ରାତି ୮ଟାରେ ଏକ ଟ୍ରକ୍ ଧକ୍କାରେ ପିକ୍‌ଅପ୍ ଭ୍ୟାନ ରାସ୍ତାରେ ଓଲଟି ପଡିଥିଲା। ଫଳରେ ଏଥିରେ ଥିବା ପ୍ରାୟ ୩୦ଜଣ ସଂକୀର୍ତ୍ତନ ଦଳ କଳାକାରଙ୍କ ମଧ୍ୟରୁ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ରେଙ୍ଗାଲି ପୋଲିସ୍ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ପୋଲିସ୍ ଉଭୟ ଗାଡିକୁ ଜବତକରି ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ ପିକ୍‌ଅପ୍ ଭ୍ୟାନରେ ଛତିଶଗଡ ଟିମ୍‌ମିନ୍‌ରୁ ଏକ ସଂକୀର୍ତ୍ତନ ମଣ୍ଡଳୀ ଲଖନପୁର ବ୍ଲକ୍ ପଲସଦା ଗ୍ରାମକୁ ସଂକୀର୍ତ୍ତନ କରିବାପାଇଁ ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା ।



# ବ୍ଲୋୟର ପଏଣ୍ଟ ସ୍ମାରକୀ ଉଦ୍‌ଘାଟିତ




ବ୍ଲୋୟର ପଏଣ୍ଟ ସ୍ମାରକୀକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ରାଉରକେଲା ଅଫିସ, ୩୧।୧**

ରାଉରକେଲା ଇସ୍ପାତ କାରଖାନା କ୍ୟାପ୍‌ଟିଭ ପାୱାର ପ୍ଲାଣ୍ଟ-୩ର ପାୱାର ଆଣ୍ଡ ବ୍ଲୋଇଂ ଷ୍ଟେଶନରେ ଗତ ୨୧ ତାରିଖରେ ନିଜସ୍ୱ ବିକଶିତ ଏକ ବ୍ଲୋୟର ପଏଣ୍ଟ ସ୍ମାରକୀ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ. ଆର. ସୂର୍ଯ୍ୟବଂଶୀ ଏହି ସ୍ମାରକୀକୁ ପାୱାର ବିଭାଗର ସିଜିଏମ ବି. ସୁନିଲ କାର୍ଥା ଏବଂ ଅନ୍ୟମାନଙ୍କ ଉପସ୍ଥିତିରେ ଉନ୍ମୋଚନ କରିଥିଲେ। ସ୍ମାରକୀର ବିକାଶରେ ଅଗ୍ରଣୀ ଭୂମିକା ପାଇଁ ଇଡି ୱାର୍କସ ପିବିଏସ୍‌ର ସିନିୟର ଟେକ୍ନିସିଆନ ଏସ.ଏନ ଅଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସ୍ମାରକ ସିପିପି-୩ର ପିବିଏସ ଦ୍ୱାରା ରିଫ୍ରାକ୍ଟୋରି ଇଞ୍ଜିନିୟରିଂ ବିଭାଗ ଓ ସିଭିଲ ଇଞ୍ଜିନିୟରିଂ ସର୍ଭିସ ବିଭାଗର ସହଯୋଗରେ ସିପିପି-୧ର ଟର୍ବୋ ବ୍ଲୋୟର-୪ର ଅଦରକାରୀ ପୁରୁଣା ରୋଟର ଓ ଅନ୍ୟାନ୍ୟ ନିଜସ୍ୱ ସମ୍ବଳ ବ୍ୟବହାର ପୂର୍ବକ ବିକଶିତ ହୋଇଛି। ଏହି ବ୍ଲୋୟର ରୋଟର ୨୫ ବର୍ଷ ସେବା ପ୍ରଦାନ କରିଛି।

# ଆଜି ଭଞ୍ଜ ଭବନରେ ମଞ୍ଚସ୍ଥ ହେବ ନାଟକ 'ନବକଳେବର'

**ରାଉରକେଲା ଅଫିସ, ୩୧।୧**

ରାଉରକେଲା ସେକ୍ଟର-୫ ସ୍ଥିତ ଭଞ୍ଜ ଭବନରେ ଭୁବନେଶ୍ୱର ସ୍ଥିତ ସାଇଶ୍ରଦ୍ଧା ପ୍ରଡକ୍ସନ ଟ୍ରଷ୍ଟ ପକ୍ଷରୁ ଫେବୃୟାରୀ ୧ ତାରିଖ ସନ୍ଧ୍ୟା ୭ଟାରେ ଜଗନ୍ନାଥଙ୍କ ଉପରେ ଆଧାରିତ ନାଟକ 'ନବକଳେବର' ପରିବେଷଣ କରାଯିବ। ଏହି ପରିପ୍ରେକ୍ଷୀରେ ରାଉରକେଲା ୟୁଥ୍ ହଷ୍ଟେଲଠାରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପରିଚାଳନା ନିର୍ଦ୍ଦେଶିକା ସୌଭାଗ୍ୟଲକ୍ଷ୍ମୀ ଜେନା ଓରଫ ବିନି ସାମଲ ଏବଂ ମୁଖ୍ୟ ପୃଷ୍ଠପୋଷକ ନିହାର ସାମଲ ନାଟକ ଉପରେ ବିଶେଷ ସୂଚନା ପ୍ରଦାନ କରିଥିଲେ। ସାଇ ଶ୍ରଦ୍ଧା ପ୍ରଡକ୍ସନ ଟ୍ରଷ୍ଟର ପରିଚାଳନା ନିର୍ଦ୍ଦେଶିକା ବିନି ସାମଲ ନାଟକର ପ୍ରଯୋଜିକା ଥିବାବେଳେ କାହାଣୀ ରଚନା କରିଛନ୍ତି ଶଙ୍କର ତ୍ରିପାଠୀ। ସେହିପରି ଧୀର ମଲ୍ଲିକ ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍ଗୀତକାର ମଳୟ ମିଶ୍ର ଓ ଗୀତିକାର ଭାବେ ନିର୍ମଳ ନାୟକ ରହିଛନ୍ତି। ନାଟକର ବିଭିନ୍ନ ଚରିତ୍ରରେ କିଶୋର ଖଣ୍ଡୁଆଳ, ଉଷସୀ ମିଶ୍ର, ଅଖିଳ ପଟ୍ଟନାୟକ, ଉମା ଭଟ୍ଟାଚାର୍ଯ୍ୟ, ସୁବାଶିଷ ଦାଶ, ଅମିତ କୁମାର ନାୟକ, ତୃପ୍ତି ମୀରମ୍ବିକା ସାହୁ, ବାପୁ ଆଚାର୍ଯ୍ୟ, ଉପେନ୍ଦ୍ର ପତି, ରିଷି ପଟ୍ଟନାୟକ, ଶ୍ରୀକାନ୍ତ ମିଶ୍ର, ଅପୂର୍ବ ସାହୁ, ସୀମାଞ୍ଚଳ ପାଢୀ ଏବଂ ସୌମ୍ୟ ମିଶ୍ର ପ୍ରମୁଖ ଅଭିନୟ କରିବେ। ନାଟକର ଉଦ୍‌ଘାଟନୀ ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସୁନ୍ଦରଗଡ ଜିଲାପାଳ ପରାଗ ହର୍ଷଦ ଗାଭାଲି, ଆର୍‌ଏମ୍‌ସି କମିଶନର ଶୁଭଙ୍କର ମହାପାତ୍ରଙ୍କ ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କଳାପାହାଡ ଆକ୍ରମଣଠାରୁ ଜଗନ୍ନାଥଙ୍କ ନବକଳେବର ପର୍ଯ୍ୟନ୍ତ ଐତିହାସିକ କାହାଣୀ ଏହି ନାଟକରେ ଦେଖିବାକୁ ମିଳିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଥିଲା।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଟ୍ରଷ୍ଟ କର୍ମକର୍ତ୍ତା।

## ନବ ଦାସଙ୍କ ବିୟୋଗରେ ଶୋକସଭା

**ଦେବଗଡ,୩୧।୧(ଡି.ଏନ.ଏ.)**

ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ବିୟୋଗରେ ଦେବଗଡ଼ ଜିଲା ବିଜେଡି ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଆହ୍ୱାନ କ୍ରମେ ଲାଲୁସାହି ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏହି ଶୋକସଭା ଆୟୋଜିତ ହୋଇଥିଲା। ଏଥିରେ ଜିଲା ପରିଷଦ ସଭାପତି କୌଶିକ କୁମାର ପ୍ରଧାନ, ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ଜିଲା ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ, ରୂପକ କୁମାର ମାଝୀ, କାଉନସିଲର ଯତିନ କୁମାର ନାୟକ, ବାସନ୍ତୀମଣି ମାଝୀ, ତିଲେଇବଣି ବ୍ଲକର ପୂର୍ବତନ ଅଧକ୍ଷ ବିଭୂତି ଗଙ୍ଗଦେବ, ବାରକୋଟ ବ୍ଲକର ପୂର୍ବତନ ଅଧକ୍ଷ ଦେବେନ୍ଦ୍ର କୁମାର ବେହେରା, ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ଚିତ୍ତରଞ୍ଜନ ପ୍ରଧାନ, ସ୍ୱସ୍ତିକ ମହାପାତ୍ର, ତନୁଚନ୍ଦ୍ର ପାତ୍ର ପ୍ରମୁଖ ବହୁ ବିଜେଡି ନେତା ଓ ନେତ୍ରୀ ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ।

## ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ରେଢ଼ାଖୋଲ,୩୧।୧(ଡି.ଏନ.ଏ.)**

ରେଢ଼ାଖୋଲ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ତ୍ରିବଣପୁର ଗ୍ରାମର ଚରଣ କହଁର (୨୯)ଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ ପୀଡିତା ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଚରଣ ତାଙ୍କ ସହ ଦୈହିକ ସମ୍ପର୍କ ରଖୁଥିଲେ। ହେଲେ ଶେଷରେ ବିବାହ କରିବାକୁ ମନା କରିବା ସହ ଧମକଚମକ ଦେଇଥିବା ନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ରେଢାଖୋଲ ଥାନାରେ ଏକ ମାମଲା (ନଂ.୨୯/୨୩) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଛାତ୍ର ଜୀବନରେ ଶୃଙ୍ଖଳିତ ଆଚରଣ ଜରୁରୀ



ବାର୍ଷିକୋତ୍ସବରେ ପୁରସ୍କୃତ ହୋଇଥିବା ଛାତ୍ରଗଣ।

**ରାଉରକେଲା ଅଫିସ,୩୧।୧**

ରାଉରକେଲା ଛେଣ୍ଡ ସ୍ଥିତ ହୃଷୀକେଶ ରାୟ ମହାବିଦ୍ୟାଳୟ ୩୭ତମ ବାର୍ଷିକୋତ୍ସବ ମଙ୍ଗଳବାର ପାଳିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ଭବେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବେଦବ୍ୟାସ ସଂସ୍କୃତି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା ମୁଖ୍ୟ ଅତଥି ଭାବେ ଯୋଗଦେଇ ଛାତ୍ର ଜୀବନରେ ଶୃଙ୍ଖଳିତ ଆଚରଣ ରଖିଲେ ବିଦ୍ୟା ଅର୍ଜନରେ ସଫଳତା ମିଳିଥାଏ ବୋଲି ମତପ୍ରକାଶ କରିଥିଲେ। ଓଡିଶା ସାହିତ୍ୟ ଏକାଡମୀର ସଦସ୍ୟା ଶିବପ୍ରିୟା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରଦୀପ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ସର୍ବୋଚ୍ଚ ନମ୍ବର ରଖିଥିବା ଓ ସ୍କାଉଟ୍ ଗାଇଡରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପକ କାମାକ୍ଷା ପ୍ରସାଦ ରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧାପକ ସୁବାସ ଚନ୍ଦ୍ର ସାମଲ, ହରିଶ୍ଚନ୍ଦ୍ର ମିଶ୍ର, ଚିତ୍ତମୋହନ ମିଶ୍ର, ବିନୋଦ କିଶୋର କାନୁନଗୋ, ଦୀପ୍ତିମୟୀ ମହାପାତ୍ର, ବବିତା ମିଶ୍ର, ବିନୟ କୁମାର ସାହାଣୀ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ଦୁବେ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଘଟଣାରେ ମହିଳା ମୃତ, ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ



ସ୍ଥାନୀୟ ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି।

**ଝାରସୁଗୁଡ଼ା ଅଫିସ୍,୩୧।୧**

ରେଙ୍ଗାଲି ଥାନା ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥ କୁହାକୁଣ୍ଡା ଛକରେ ମଙ୍ଗଳବାର ଏକ ଟ୍ରକ୍ ବାଇକ୍‌କୁ ଧକ୍କା ଦେଇଛି। ଫଳରେ ବାଇକ୍‌ରେ ଥିବା ସ୍ତ୍ରୀ ମୃତ୍ୟୁବରଣ କରିଥିବାବେଳେ ସ୍ୱାମୀ ଆହତ ହୋଇଛନ୍ତି। ମୃତକ ହେଲେ ଜୟନ୍ତୀ ଭୋଇ(୩୦) ଓ ଆହତ ସ୍ୱାମୀଙ୍କ ନାମ ପଦ୍ମ କୁମାର ଭୋଇ(୩୩)। ଦମ୍ପତିଙ୍କ ଘର ନିକଟସ୍ଥ ବଡଧରା ଗ୍ରାମରେ। ଏମାନେ ବାଇକ୍‌ରେ ଛତିଶଗଡ ରାୟଗଡ ଅଞ୍ଚଳରେ ଏକ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ଯାଉଥିବାବେଳେ ଟ୍ରକ୍ ଧକ୍କାରେ ଜୟନ୍ତୀ ଛିଟିକି ପଡିଥିଲେ। ପରେ ଟ୍ରକ୍ ତାଙ୍କ ମୁଣ୍ଡ ଉପରେ ଚଢିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ ଦୁର୍ଘଟଣା ପରେ ଫେରାର ଥିବା ଟ୍ରକ୍‌କୁ ଧରିବା ଦାବିରେ ରାସ୍ତା ଅବରୋଧ କରିଥିଲେ। ପୋଲିସ୍ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବାପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ୍ ଆହତ ପଦ୍ମଙ୍କୁ ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବାବେଳେ ମୃତଦେହ ବ୍ୟବଚ୍ଛେଦପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଫେରାର୍ ଟ୍ରକ୍‌କୁ ଧରିବା ପାଇଁ ପୋଲିସ୍ ତନାଘନା ଚଳାଇଛି ।

# କରାଟେରେ ଅଭିଷେକ ଚାମ୍ପିୟନ

**ରାଉରକେଲା ଅଫିସ,୩୧।୧**

ଓଡିଶା ରାଜ୍ୟ କରାଟେ ଡୋ ଆସୋସିଏଶନ(ଓସ୍କା) ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ୩୪ ତମ ରାଜ୍ୟ ସିନିୟର ଓ ୨୧ ବର୍ଷରୁ କମ୍ ବୟସ ବର୍ଗର ରାଜ୍ୟ କରାଟେ ଚାମ୍ପିୟନସିପ ଗତ ୨୯ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓସ୍କା ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧୯ଟି ଜିଲାରୁ ୧୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିରୁ ରାଉରକେଲା କରାଟେ ଡୋ ଆସୋସିଏଶନରୁ ପ୍ରତିନିଧିତ୍ୱ କରି ଅଭିଷେକ ପଟ୍ଟନାୟକ ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ଓ କୁମ୍ଫୁରେ କାଂସ୍ୟ ପଦକ ଏବଂ ମୋନାଲିସା ମିଶ୍ର କାଂସ୍ୟ ପଦକ ହାସଲ କରିଛନ୍ତି। ରଞ୍ଜନ ପାତ୍ର ରାଉରକେଲା ଦଳର ଟିମ୍ ମ୍ୟାନେଜର ଓ କୋଚ୍ ଦାୟିତ୍ୱ ତୁଲାଇଥିଲେ। ରେଫରି ରାଜୀବ କୁମାର ସିଂ ଚାମ୍ପିୟନସିପ୍‌ରେ ଅଫିସିଆଲ କାର୍ଯ୍ୟ ତୁଲାଇଥିଲେ। ଏହି ପ୍ରତିଯୋଗିତାରୁ ଉତ୍ତରାଖଣ୍ଡରେ ହେବାକୁ ଥିବା ଆସନ୍ତା ଜାତୀୟ କରାଟେ ପ୍ରତିଯୋଗିତା ପାଇଁ ପ୍ରତିଯୋଗୀ ଚୟନ କରାଯାଇଥିଲା। ଓସ୍କାର ସଭାପତି ଡ. ହରିପ୍ରସାଦ ପଟ୍ଟନାୟକ ଓ ସମ୍ପାଦିକା ଡ. ଗୌରୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଚାମ୍ପିୟନସିପ୍ ଆୟୋଜିତ ହୋଇଥିଲା।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

# ଷୋହଳ ବଖରି କଟା ଉନ୍ନତୀକରଣ କାର୍ଯ୍ୟ ତଦାରଖ

**ଦେବଗଡ଼ ୩୧।୧(ଡି.ଏନ.ଏ.)**

ଦେବଗଡ଼ ସହର ସ୍ଥିତ କଲେଜ ରୋଡ୍ ଶନି ମନ୍ଦିର ନିକଟ ଷୋହଳ ବଖରି କଟା ଉନ୍ନତୀକରଣ କରାଯାଉଛି। ମଙ୍ଗଳବାର ଦେବଗଡ଼ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଏହି କାର୍ଯ୍ୟର ତଦାରଖ କରିଛନ୍ତି। ଉକ୍ତ କାମକୁ ଶୀଘ୍ର ସାରିବା ପାଇଁ ଜିଲାପାଳ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦେବରାଜ ହେମ୍ବ୍ରମ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ସହର ମଧସ୍ଥଳରେ ଥିବା ଏହି କଟା ପୂର୍ବରୁ ସ୍ଥାନୀୟ ଲୋକଙ୍କୁ ପାଣି ସୁବିଧା ଯୋଗାଇ ଆସୁଥିଲା। କିନ୍ତୁ ଦୀର୍ଘବର୍ଷ ହେବ ଏହି କଟା ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିବାରୁ ସ୍ଥାନୀୟ ବାସିନ୍ଦା ଖରା ମାସରେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ବର୍ତ୍ତମାନ ୨.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଷୋହଳ ବଖରି କଟା ଉନ୍ନତୀକରଣ କାର୍ଯ୍ୟ ଚାଲିଛି। ଆଗକୁ ଖରା ମାସ ଆସୁଥିବାରୁ ଏହି କଟା କାମ ତୁରନ୍ତ ଶେଷ କରିବାକୁ ଦାବି ହେଉଛି।



ଦେବଗଡ଼-ଜିଲାପାଳ କଟା ଉନ୍ନତୀକରଣ କାର୍ଯ୍ୟ ତଦାରଖ କରୁଛନ୍ତି।

## ଜୈବିକ ଚାଷ ଉପରେ ତାଲିମ ଶିବିର

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଖରିଆଳ ବ୍ଲକ ବାଦୀ ବଗିଚାଠାରେ ଗାୟତ୍ରୀ ଚାରିଟେବୁଲ ଓ ଏଜୁକେଶନାଲ ଟ୍ରଷ୍ଟ ଦ୍ୱାରା ଜୈବିକ ଚାଷ ଉପରେ ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖରିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ଯୋଗଦାନ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ଭୋଜପୁର କୁଳ ମଣି ନାୟକ ସରପଞ୍ଚ ଓ ଖରିଆର ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ଯୋଗଦାନ କରି ଜୈବିକ ଚାଷ ଉପରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ମ୍ୟାନେଜେର ବାଲାଜୀ ରାଉତ, ମୋହନ ଜଗତ, ବିଶ୍ୱମ୍ଭର ପଟେଲ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଅଭିଯୁକ୍ତ କକାଙ୍କୁ ଆଜୀବନ କାରାଦଣ୍ଡ

**କକାଙ୍କ ଟାଙ୍ଗିଆ ଚୋଟରେ ପୁତୁରାର ମୃତ୍ୟୁ ମାମଲା**

**ଭବାନୀପାଟଣା,୩୧।୧(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ବିଶ୍ୱନାଥପୁର ଥାନା ଅଞ୍ଚଳର ଏକ କ୍ରଶର ୟୁନିଟରେ ୨୦୧୭ରେ ହୋଇଥିବା ଏକ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଏହି ମାମଲାରେ ସମସ୍ତ ସାକ୍ଷୀ ଓ ପ୍ରମାଣକୁ ଭିତ୍ତିକରି ଜିଲା ଓ ଦୋରାଜଜ୍ ଦିପ୍ତି ରଞ୍ଜନ କାନୁନ୍‌ଗୋ ଅଭିଯୁକ୍ତ କକା କାଣ୍ଡୁ ମାଝିଙ୍କୁ ଆଜୀବନ କାରାଦଣ୍ଡ ଶୁଣାଛନ୍ତି। ଏହାସହ ୨୦ ହଜାର ଟଙ୍କା ଜରିମାନା ମଧ କରିଛନ୍ତି। ଜରିମାନା ଅନାଦାୟ ଆହୁରି ୬ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛି। ପ୍ରକାଶ ଯେ, ୨୯।୧୧।୨୦୧୭ରେ ଜିଲାର ବିଶ୍ୱନାଥପୁର ଥାନା ଅଞ୍ଚଳର ଏକ କ୍ରଶର ୟୁନିଟରେ କୌଣସି ଟଙ୍କା ପଇସା କାରବାରକୁ ନେଇ କକା କାଣ୍ଡୁ ପୁତୁରା ସାନ୍ଦା ମାଝିଙ୍କୁ ଟାଙ୍ଗିଆରେ ଆକ୍ରମଣ କରି ହତ୍ୟା କରିଥିଲେ। ସ୍ଥାନୀୟ ପୋଲିସ କାଣ୍ଡୁ ମାଝିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ (ପିପି) ନିଦର୍ଶନୀ ରଥ ପରିଚାଳନା କରିଥିଲେ।

### ବାଲି ଚୋରା ଚାଲାଣ, ଜରିମାନା ଆଦାୟ

**ଖଡ଼ିଆଳ,୩୧।୧(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡୁକୁଲାଠାରେ ବେଆଇନ ଭାବେ ବାଲି ଆଣୁଥିବା ବେଳେ ଖଡ଼ିଆଳ ଅତିରିକ୍ତ ତହସିଲଦାର ଚଢ଼ାଉ କରି ଜରିମାନ ଆଦାୟ କରାଯାଇଛି। ଏକ ହାଇୱା ଟ୍ରକ୍ ଓଠ୮ଏସ୬୮୫୮ରେ ୧୬ସିଏମ ବାଲି ବଲାଙ୍ଗୀର ଜିଲାରୁ ଖଡ଼ିଆଳକୁ ଚାଲାଣ ହେଉଥିଲା। ଖବର ପାଇ ଖଡ଼ିଆଳ ଅତିରିକ୍ତ ତହସିଲଦାର ଜୟେସେନ ଧରୁଆଙ୍କ ନେତୃତ୍ୱରେ ଟିମ୍ ଡୁକୁଲାଠାରେ ଅଟକାଇ ୨୦,୫୬୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଢ଼ାଉରେ ଆରଏସ ଭେକଲାଲ ଚନ୍ଦ୍ରକାର, ଆରଆଇ ଶରଧାପୁର ହିମାଂଶୁ କଣ୍ଟା, ଆରଆଇ ଡୁକୁଲା ଦିଲୀପ ମାଝି, ଆରଆଇ ସୋମନାଥ ସୁନାନୀ ପ୍ରମୁଖ ସାମିଲ ହୋଇଥିଲେ।

### ଜରାସିଂହା ଯୁକ୍ତ ୨ କଲେଜରେ ଆତ୍ମରକ୍ଷା ତାଲିମ ଶିବିର

**ଦେଓଗାଁ,୩୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଯୁକ୍ତ ୨ କଲେଜରେ ଚାଲିଥିବା ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାଧାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ପରିଚାଳନା ତଥା ଅଧକ୍ଷ ବସନ୍ତ କୁମାର ମନହୀରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଶିବିରରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟା ସୁମତୀ ସେଠ ଯୋଗଦେଇ ପ୍ରତିକୂଳ ପରିସ୍ଥିତିରେ ସାହାସର ସହିତ ପରିସ୍ଥିତିକୁ ମୁକାବିଲା କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମାଷ୍ଟରଟ୍ରେନର ଅଭିନନ୍ଦା ସରାଫ ତାଲିମ ପ୍ରଦାନ କରିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ୪୮ ଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ପ୍ରାଧାପକ ବିମଳ କିଶୋର ସାହୁ, ଧୋବାଇଚରଣ ପଟେଲ, ଗୋବିନ୍ଦ ମେହେର, ଅଧାପିକା ଶୁଭଶ୍ରୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆନ୍ଧ୍ରରୁ ୧୭ ଦାଦନ ଶ୍ରମିକ ଉଦ୍ଧାର

**ଭବାନୀପାଟଣା,୩୧।୧(ସ୍ୱ.ପ୍ର.)**

ଆନ୍ଧ୍ରପ୍ରଦେଶରେ ନିର୍ଯାତିତ ହେଉଥିବା କଳାହାଣ୍ଡି ଓ କୋରାପୁଟର ଜିଲାର ୧୭ଜଣ ଦାଦନ ଶ୍ରମିକଙ୍କୁ ଭବାନୀପାଟଣା ଟାଉନ ଥାନା ପୋଲିସ ଉଦ୍ଧାର କରିଛି। ମଙ୍ଗଳବାର ସମସ୍ତ ଶ୍ରମିକଙ୍କୁ ପୋଲିସ ଭବାନୀପାଟଣା ଟାଉନ ଥାନାକୁ ଆଣି ନିଜ ଘରକୁ ପଠାଇଥିବା ଜଣାପଡିଛି। ଏଥିରେ କଳାହାଣ୍ଡି ଜିଲା ଜୟପାଟଣା, କୋକସରା ଓ ଆମପାଣି ଥାନା ଅଞ୍ଚଳର ୧୪ଜଣ ଓ ରାୟଗଡା ଜିଲା ଲକ୍ଷ୍ମୀପୁର ଅଞ୍ଚଳର ୩ଜଣ ଶ୍ରମିକ ରହିଛନ୍ତି। ଏହି ଶ୍ରମିକମାନେ ଏକ ଦଲାଲ କଥାରେ ପଡି



ଟାଉନ ଥାନା ପୋଲିସ ସହ ଉଦ୍ଧାର ଶ୍ରମିକମାନେ।

ତାଙ୍କ ସହ ଆନ୍ଧ୍ରପ୍ରଦେଶର ଏକ ମାଛ ବ୍ୟବସାୟୀଙ୍କଠାରେ କାମ କରିବାକୁ ଯାଇଥିଲେ। ସେଠାରେ ସେମାନେ ପହଞ୍ଚିବା ପରେ ନିର୍ଯାତନାର ଶିକାର ହୋଇଥିଲେ।

**ଏସ୍‌ପିଙ୍କ ହସ୍ତକ୍ଷେପ**

ପ୍ରତିଦିନ ଏହି ଶ୍ରମିକଙ୍କୁ ମାରପିଟ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଉଥିଲେ ବ୍ୟବସାୟୀ। ଏ ନେଇ ନିର୍ଯାତିତ ଶ୍ରମିକମାନେ ସମ୍ପର୍କୀୟଙ୍କୁ ଜଣାଇଥିଲେ। ସମ୍ପର୍କୀୟମାନେ କଳାହାଣ୍ଡି ଏସ୍‌ପିଙ୍କଠାରେ ଫେରାଦ ହୋଇଥିଲେ। ଏସପିଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଥାନା ପୋଲିସ ଏକ ସ୍ୱତନ୍ତ୍ର ଟିମ ଆନ୍ଧ୍ରପ୍ରଦେଶକୁ ଯାଇ ସମସ୍ତ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ଏହାକୁ ନେଇ ଶ୍ରମିକମାନେ ପୋଲିସ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି।

## ବିଶନାଥପୁର, ବକଟପୁରରେ ମା’ ହିରାନୀଳାଙ୍କ ଝାମୁଯାତ୍ରା

**ଲାଞ୍ଜିଗଡ଼,୩୧।୧(ଡି.ଏନ.ଏ.)**

କଳାହାଣ୍ଡିଜିଲା ଲାଞ୍ଜିଗଡ଼ ବ୍ଲକ ବିଶନାଥପୁର, ବକଟପୁରଠାରେ ମା’ ହିରାନୀଳାଙ୍କ ଝାମୁଯାତ୍ରା ପାଳିତ ହୋଇଯାଇଛି। ଏଥିପାଇଁ ବିଶନାଥପୁରସ୍ଥିତ ମା’ ହିରାନୀଳାଙ୍କ ପୀଠ ଉତ୍ସବ ମୁଖର ହୋଇଉଠିଛି। ପାରମ୍ପରିକ ରିତି ନିତି ବା ଦେବନୀତି ପାଳନ କରି ଗାଁ ଗୌନ୍ତିଆ ପ୍ରଦୀପ କୁମାର ଘଡ଼େଇଙ୍କ ସୁପୁତ୍ର ଜୟନ୍ତ କୁମାର ଘଡ଼େଇ ଏହିବର୍ଷ ପୂଜା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଦେବତାଙ୍କ ମୁଖ୍ୟ ସେବାୟତ ଜଗବନ୍ଧୁ ପ୍ରଧାନୀ ଉପସ୍ଥିତ ରହିଥିଲେ। ଯାତ୍ରା ସରିବା ପରେ ମାନସିକଧାରୀଙ୍କ ଦ୍ୱାରା ପାରା, କୁକୁଡ଼ା ଓ ଛେଳି ଆଦି ବଳି ଦିଆଯାଇଥିଲା। ଏଥିରେ ମୁଖ୍ୟ କାଳସି ନିଳାମ୍ବର ପ୍ରଧାନୀ, କୁଳମଣି ପ୍ରଧାନୀ, ସେବକ ଚିନ୍ତାମଣି ଦଣ୍ଡସେନା, ବାସୁଦେବ ପ୍ରଧାନୀ, ଫାଲ୍‌ଗୁନୀ ପ୍ରଧାନୀ, ରମେଶ ଦଣ୍ଡସେନା, ହରି ପ୍ରଧାନୀ, ଭୈରମଲ ଘଡ଼େଇ, ଘାସିରାମ ଘଡ଼େଇ, ପୀତବାସ ଦଣ୍ଡାସେନା, ବୃନ୍ଦାବନ ପ୍ରଧାନୀ ଦ୍ୱାରା ପୂଜା ସମ୍ପନ୍ନ ହୋଇଥିଲା। ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ


ମା’ ହିରାନୀଳାଙ୍କ ଝାମୁଯାତ୍ରା।

ପ୍ରତିନିଧି ପ୍ରଦୀପ ଘଡ଼େଇ, ଲାଞ୍ଜିଗଡ଼ ବ୍ଲକ ଉପାଧକ୍ଷ ସଞ୍ଜୀବ କୁମାର ନାୟକ, ବିଶନାଥପୁର ସରପଞ୍ଚ ସୁରଥ ମାଝି, ସମିତି ସଭ୍ୟ ଅଜିତ କୁମାର ପ୍ରଧାନୀ, ପୂର୍ବତନ ସରପଞ୍ଚ ଅନନ୍ତ କୁମାର ପ୍ରଧାନୀ, ପୂର୍ବତନ ବିଧାୟକ ଶିବାଜୀ ମାଝି, ପୂର୍ବତନ ଉପାଧକ୍ଷ ଶ୍ରୀଧର ପେସନିଆ ପ୍ରମୁଖ ଉପସ୍ଥିତ ରହିଥିଲେ। ବାଲିଯାତ୍ରା ସଫଳ କରିବା ପାଇଁ ମା’ ଭୈରବୀ ଯୁବ କେନ୍ଦ୍ର ସଂଘ, ଜୟ ଜଗନ୍ନାଥ ଯୁବକ ସଂଘ ତଥା ବିଶନାଥପୁର ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା। ସେହିପରି ବକଟପୁରସ୍ଥିତ ମା’ ହିରାନୀଳା ମନ୍ଦିର ଏବଂ ରଘୁନାଥପୁର ମନ୍ଦିରରେ ମଧ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ହେମନ୍ତ ଦଣ୍ଡସେନା, ବିରଞ୍ଚି ପ୍ରଧାନୀ, ଗୁଟୁ ଘଡ଼େଇ, କିଶୋର କୁମାର ଘଡ଼େଇ,କୁନୁ ହରିଜନଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ।

## ବିଶ୍ୱଶାନ୍ତି ମାନସ ଯଜ୍ଞ ଉଦ୍‌ଯାପିତ

**ଲୋଇସିଂହା,୩୧।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ରୁଗୁଡିଖାଲଠାରେ ଚାଲିଥିବା ନବ ଦିନାତ୍ମକ ବିଶ୍ୱଶାନ୍ତି ମାନସ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞ ଅବସରରେ ରାମାୟଣ ପାରାୟଣ, ହୋମଯଜ୍ଞ ଓ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ରାବଣ ଦରବାର ଆୟୋଜିତ ହୋଇଥିଲା। ବିଭିନ୍ନ ଦିବସରେ ରାଜ୍ୟ ସଭା ଏମ୍‌ପି ନିରଞ୍ଜନ ବିଶି, ବିଧାୟକ ନରସିଂହ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନମୋହନ ପଟେଲ, ସାମାଜିକ କର୍ମୀ ଯୁଧିଷ୍ଠିର ପଧାନ, ବୁଢୀପଦର ସରପଞ୍ଚ ଲକ୍ଷ୍ମୀ ପଧାନ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ପଟେଲ ରାଜ ଦରବାରରେ ଅତିଥି ହୋଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା। ଜ୍ୟୋତିପ୍ରକାଶ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ବବୁଲୁ


@ ଦିନେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମା’ ଘାଟି ମୁଣ୍ଡିଆଣିଙ୍କ ବାର୍ଷିକ ମାଘ ଯାତ୍ରା


ଆୟୋଜିତ ମଣ୍ଡେଇ ଯାତ୍ରା।

**କୋକସରା,୩୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ଧୋବେନ ପଡାଠାରେ ମା’ ଘାଟି ମୁଣ୍ଡିଆଣିଙ୍କ ବାର୍ଷିକ ମାଘ ଯାତ୍ରା ଶୁକ୍ଳ ପକ୍ଷ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ ରୀତିନୀତି ଅନୁସାରେ ଗ୍ରାମର ପୂଝାରୀ ଗିରିଧର ପୂଝାରୀ ମା’ଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ନିମନ୍ତ୍ରଣ ରକ୍ଷା କରି ଆଖପାଖ ଗ୍ରାମର ମା’ ଠାକୁରାଣୀ, ମା’ ବାରଡେନି, ମା’ ଦନ୍ତେଶ୍ୱରୀ, ମା’ ଭଣ୍ଡାର ମାଉଳି ଦେବଦେବୀଙ୍କ ଲାଠିକୁର୍ସି ଆସି ଏକତ୍ରିତ ହୋଇଥିଲେ। ପରେ ଲାଠିକୁର୍ସି ସହିତ ଦେବୀଙ୍କ କାଳସିମାନେ ଗ୍ରାମ ପରିକ୍ରମା କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ସମୟରେ ଦେବଦେବୀଙ୍କୁ ମାନସିକ କରି ଶୁକ୍ଳ ଭୋଗ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଦେବଦେବୀଙ୍କ ଲାଠିକୁର୍ସି ଘାଟି ମୁଣ୍ଡିଆଣି ଦେବୀଙ୍କ ମନ୍ଦିର ପରିସରରେ ପହଞ୍ଚିବା ପରେ କାଳସିମାନେ ଲୁହାକଣ୍ଟା ଦୋଳିରେ ଝୁଲିବା ଦୃଶ୍ୟ ଦେଖିବା ପାଇଁ ଅନେକ ଭିଡ଼ ପରିଲକ୍ଷିତ ହୋଇଥିଲା। ମଣ୍ଡେଇ ଯାତ୍ରାରେ ଖଲିଗଡ଼, ଘଣ୍ଟିଗୁଡା, ପୋଡାଖୋଲ, ଡୁଡୁକାଠେଙ୍ଗା ଗ୍ରାମରୁ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ। ମଣ୍ଡେଇ ଯାତ୍ରା ଧୋବେନପଡା ଗ୍ରାମର ପୂଜା କମିଟି ସଭାପତି ମଧୁବନ ପାତ୍ର, ସମ୍ପାଦକ ଭୀଷ୍ମ ଧ.ମାଝି, ଗାଁ ଗୌନ୍ତିଆ ହିମାଞ୍ଚଳ ପାତ୍ର, ଦେବୀଙ୍କ ଶିରା ଶ୍ରୀଧର ପୂଝାରୀ, ବଳ ମୁଲକିଆ, ରତନ ସାଏନି, ବଳ ସାଏନି, ନନ୍ଦ ଧ. ମାଝି, ହରିହର ବାଗ, ଶିକ୍ଷକ ମାରଗୁଣିଆ ନାଗ, ସଞ୍ଜୀବ ମୁଲକିଆ ପ୍ରମୁଖ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

# ଗାନ୍ଧୀ ଚେତନାର ମୃତ୍ୟୁ ନାହିଁ


ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଉପସ୍ଥିତ ରିଡର୍ସ ଫୋରମ୍ ସଦସ୍ୟ ଓ ଅତିଥି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୩୧।୧**

**ଗାନ୍ଧୀ ମହାପ୍ରୟାଣ ଦିବସରେ ଶ୍ରଦ୍ଧାଞ୍ଜଳି**

ବଲାଙ୍ଗୀର ଗାନ୍ଧୀ ଭବନସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ସମ୍ମୁଖରେ ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଯୁଧିଷ୍ଠିର ମେହେରଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା, ପ୍ରେସକ୍ଲବ୍ ସଭାପତି ଅରୁଣ ମିଶ୍ର, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ବୀରେନ୍ଦ୍ର କୁମାର ଝାଙ୍କର ମହାତ୍ମା ଗାନ୍ଧୀଙ୍କ ଜୀବନୀ ଏବଂ ବିଚାର ଉପରେ ଆଲୋଚନା କରିଥିଲେ। ଯୁଗ ଯେତେ ବଦଳିଲେ ବି ଗାନ୍ଧୀ ଚେତନାର ମୃତ୍ୟୁ ନାହିଁ ବୋଲି କହିଥିଲେ। ଯୁବପିଢ଼ି ଗାନ୍ଧୀ ବିଚାର ଦର୍ଶନ ପ୍ରତି ଆଗ୍ରହ ପ୍ରକାଶ କରିବାକୁ ବକ୍ତାମାନେ କହିଥିଲେ। ରିଡର୍ସ ଫୋରମ୍‌ର ସଦସ୍ୟମାନେ ଗାନ୍ଧୀଜୀଙ୍କ ଜୀବନୀ ସଂକ୍ରାନ୍ତୀୟ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ କବି ଅର୍ଜୁନ ସାହୁ ରାମଧୁନ ଗାନ କରିଥିଲେ। ଅତିଥିମାନଙ୍କ ସହ ରିଡର୍ସ ଫୋରମ୍‌ର ସଦସ୍ୟମାନେ ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରଶାନ୍ତ ମହାକୁର ସଭା ପରିଚାଳନା କରିଥିଲେ। ପୂର୍ବାହ୍ନରେ ଜିଲାପାଳ ଚଞ୍ଚଳ ରାଣା, ପୌରଧକ୍ଷା ଲିକା ସାହୁ, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ସମାଜସେବୀ ବିକ୍ରମାନନ୍ଦ ବହିଦାର, ନୀଳମଣି ମିଶ୍ର, ଜୟରାମ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ସନ୍ଦୀପ କୁମାର କୁଅଁର ପ୍ରମୁଖ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ୩ ପୁସ୍ତକ ଉନ୍ମୋଚିତ

**ଟିଟିଲାଗଡ, ୩୧।୧(ଡି.ଏନ.ଏ.)**

ଭାରତ ବିକାଶ ପରିଷଦ ପକ୍ଷରୁ ସଭାପତି ଡ଼.ଛାୟାକାନ୍ତ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ପୁସ୍ତକ ଲୋକାର୍ପଣ ଓ ଚେତନାର ଉଦ୍‌ଭାଷନ ଶୀର୍ଷକ ଆଲୋଚନାଚକ୍ର ବଲାଙ୍ଗୀର ଜିଲା ଟିଟିଲାଗଡ ପ୍ରଭାବତୀ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡ଼. ଷଡ଼ଙ୍ଗୀଙ୍କ ପ୍ରବନ୍ଧ ସଂକଳନ ‘ଚେତନାର ଉଦଭାଷନ, ପ୍ରସୂତି ବିଶେଷଜ୍ଞ ଘନଶ୍ୟାମ ଜୈନଙ୍କ ଅନୁଭୂତି ନେଇ ପୁସ୍ତକ ‘ଏକ ଡାକ୍ତର କି ପଟଲ ପର’, ଡ଼. ଗୋବର୍ଦ୍ଧନ ସାହୁଙ୍କ କୋଶଲି ଉପନ୍ୟାସ ‘ଅକୁହା କଥା’ ଉନ୍ମୋଚନ ହୋଇଥିଲା। ମୁଖ୍ୟଅତିଥି ଟିଟିଲାଗଡ଼ ବ୍ଲକ ଶିକ୍ଷାଅଧିକାରୀ ଆର୍ତ୍ତତ୍ରାଣ ରଥ, ବିଶିଷ୍ଟ ଶିକ୍ଷାବିତ୍ ରାଜିବଲୋଚନ ପାଢ଼ୀ ଚେତନାର ଉଦ୍‌ଭାସନ ସମ୍ପର୍କରେ ଆଲୋଚନା କରିଥିଲେ। ଡ଼. ଯୁଗଳ କିଶୋର ଷଡ଼ଙ୍ଗୀ, ବରିଷ୍ଠ ଆଇନଜୀବୀ ରବିକିରଣ ସ୍ୱାଇଁ, ଅଧାପକ ବିଧାନ ମିଶ୍ର, ସୁଶୀଲ ପାଢ଼ୀ, ସଞ୍ଜୟ ଅଗସ୍ତି, ନୀଳମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉମେଶ ଚନ୍ଦ୍ର ଦାଶ ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ପ୍ରମୋଦ ପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ରୂପାନ୍ତରଣ ହେବ ଖପ୍ରାଖୋଲ ସିଏଚ୍‌ସି ପରିଦର୍ଶନ କଲେ ଜିଲାପାଳ

**ଖପ୍ରାଖୋଲ, ୩୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରଣ ହେବ। ଜିଲାରେ ୫ ଟି ଯୋଜନାରେ ୫ଟି ସ୍ୱାସ୍ଥ୍ୟକେନ୍ଦ୍ର ରୂପାନ୍ତରଣ ହେବାକୁ ଥିବା ବେଳେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି) ଏହି ଯୋଜନାରେ ସାମିଲ ହେବ ବୋଲି ଜଣା ପଡିଛି। ଏ ନେଇ ଜିଲାପାଳ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି। ଯୋଜନା କାର୍ଯ୍ୟକାରୀ ପୂର୍ବରୁ ରାଣା ମଙ୍ଗଳବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥଇଲେ। ତାଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇ.ଅର୍ଜୁନ କୁମାର ବେହେରା, ପାଟଣାଗଡ ଉପଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ବିଡ଼ିଓ ରଶ୍ମି ରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡାକ୍ତର ସୁରଜ କୁମାର ଦୀପ ସାମିଲ ଥିଲେ। ଏହି ଯୋଜନାରେ ଆଉଟଡୋର, ଇନ ଡୋର, ନିଉ ଲାବୋରେଟରରୀ, ପ୍ରଶାସନିକ ବିଭାଗର ପୁନରୁଦ୍ଧାର ହେବ। ଏଥିସହ ରୋଗୀଙ୍କ ପାଇଁ ଗାଡି ପାର୍କିଂ, ବସିବା ସ୍ଥାନ, ପାନୀୟ ଜଳ, ବିଜୁଳି ଭଳି ଆନୁଷଙ୍ଗିକ ସୁବିଧାର ରୂପାନ୍ତର ହେବା ଯୋଜନା ରହିଛି। ରୂପାନ୍ତରଣ ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।


ଖପ୍ରାଖୋଲ ମେଡିକାଲ ପରିଦର୍ଶନ ବେଳେ ଅନ୍ୟମାନଙ୍କ ସହ ଜିଲାପାଳ।

# ଟେଣ୍ଡର ପ୍ରକ୍ରିୟାରେ ପାତରଅନ୍ତର ଅଭିଯୋଗ

**ଖଡ଼ିଆଳ,୩୧।୧(ଡି.ଏନ.ଏ.)**

**ଲୋୟର ଇନ୍ଦ୍ର କାର୍ଯ୍ୟାଳୟ ଘେରାଉ କଲେ ଖଡ଼ିଆଳ ଠିକାଦାର ସଂଘ**

ନୂଆପଡ଼ା ଜିଲା ଖଡ଼ିଆଳ ଲୋୟର ଇନ୍ଦ୍ର ପ୍ରକଳ୍ପ ବିଭିନ୍ନ କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟାରେ ପାତରଅନ୍ତର କରିବା ସହ ବଡ଼ବଡ଼ ପ୍ୟାକେଜ କରି ବଡବଡ କମ୍ପାନୀକୁ କାର୍ଯ୍ୟ ଭାର ଦେଇ ସ୍ଥାନୀୟ ଠିକାଦାରଙ୍କୁ ଅଣଦେଖା କରୁଛି। ଏହି ଅଭିଯୋଗ ନେଇ ଖଡ଼ିଆଳ ଠିକାଦାର ସଂଘ ପକ୍ଷରୁ ଲୋୟର ଇନ୍ଦ୍ର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ଚେତାବନୀ ଦେଇଛି ଖଡ଼ିଆଳ ଠିକାଦାର ସଂଘ। ଆଗକୁ ୧୧୪.୫୨ କୋଟି ଟଙ୍କାରେ ହେବାକୁ ଥିବା ଲୋୟର ଇନ୍ଦ୍ର ପ୍ରକଳ୍ପ କେନାଲ ଉନ୍ନତିକରଣ


ଖଡ଼ିଆଳ ଠିକାଦାର ସଂଘ ପକ୍ଷରୁ ଘେରାଉ କରାଯାଇଛି।

ପାଇଁ ଟେଣ୍ଡର ପ୍ରକ୍ରିୟା ହେବାର ଅଛି। ହେଲେ ଏକକାଳୀନ ଏତେବଡ଼ ଟେଣ୍ଡର କରି କୌଣସି ଏକ ନିର୍ଦ୍ଦିଷ୍ଟ କମ୍ପାନୀକୁ ଟେକି ଦେବାର ସୁପରିକଳ୍ପିତ ଯୋଜନା ବିଭାଗୀୟ ଅଧିକାରୀ କରିଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଥିବା ଶହଶହ ଠିକାଦାର କାମ କରିବାରୁ ବଞ୍ଚିତ ହେଉଛନ୍ତି। ଗତ କୋଭିଡ୍ ସମୟରୁ ଅଞ୍ଚଳର ଠିକାଦାରମାନେ କାମ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ଲୋୟର ଇନ୍ଦ୍ର ସେଚନ ବିଭାଗ ପାତରଅନ୍ତର ନୀତି ଯୋଗୁ ଆହୁରି ବ୍ୟଥିତ କରିଛି। ଏଣୁ ୧୧୪.୫୨ କୋଟି ଟଙ୍କାର ପ୍ୟାକେଜକୁ ଭାଗ ଭାଗ କରି ଅନ୍ୟ ଠିକାଦାରମାନଙ୍କୁ କାମ କରିବାକୁ ସୁଯୋଗ ଦେବା ପାଇଁ ଖଡ଼ିଆଳ ଠିକାଦାର ସଂଘ ଦାବି କରିଛି। ଲୋୟର ଇନ୍ଦ୍ର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଯୁଗଳ କିଶୋର ଖଟୁଆଙ୍କୁ ପଚାରିବାରୁ ଟେଣ୍ଡର ପ୍ରକ୍ରିୟାର ପାତରଅନ୍ତର ନୀତିକୁ ଅସ୍ୱୀକାର କରିବା ସହ ଠିକାଦାର ସଂଘ ଦାବିପତ୍ର ସରକାରଙ୍କୁ ପ୍ରେରଣ କରି ଦିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଡୁମାଲ ସମାଜର ବାର୍ଷିକ ବୈଠକ

**ସମ୍ବଲପୁର,୩୧ା୧(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ଦୁର୍ଗାପାଲିସ୍ଥିତ ଗୁଡ଼େଶ୍ୱର ଶିବ ମନ୍ଦିରଠାରେ ଡୁମାଲ ସମାଜର ବାର୍ଷିକ ବୈଠକ ସଭାପତି ଶିବ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମାଜର ଜିଲା ସଭାପତି ଦେବଲାଲ ପ୍ରଧାନ ମୁଖ୍ୟଅତିଥି ଓ ଶିକ୍ଷାବିତ୍ ବିଶ୍ୱନାଥ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ମା' ମାହେଶ୍ୱରୀଙ୍କ ପୂଜା ସହ ହୋମ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରାଙ୍କନ ଓ ରଙ୍ଗୋଲି ଏବଂ ମହିଳାଙ୍କ ଦ୍ୱାରା ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ମାହେଶ୍ୱରୀ ସେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋପାଳ ମହାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁରଲୀ ପାତ୍ର, ରବି କର୍ମି, ଉପେନ୍ଦ୍ର କର୍ମି, ଯୁଧିଷ୍ଠିର ମହାକୁର ମଞ୍ଚାସୀନ ଥିଲେ। ଏତବରେ ସମାଜର ଶତାଧିକ ସଦସ୍ୟ ଯୋଗଦାନ କରିଥିଲେ। ଶିବ ପ୍ରଧାନ, କଳ୍ପେଶ୍ୱର ପ୍ରଧାନ, ହରିହର ଡାଙ୍ଗ, ରବି ଦେହୁରି, ଫକୀର ମୋହନ ମେଣ୍ଡୁଲୀ, ହେମନ୍ତ କର୍ଣ୍ଣ ଓ ଶଙ୍କର ପ୍ରସାଦ ମହାକୁର ସହଯୋଗ କରିଥିଲେ।

### ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ସମ୍ବଲପୁର,୩୧ା୧(ବ୍ୟୁରୋ):** ସମ୍ବଲପୁର ସରକାରୀ ମହିଳା ମହବିଦ୍ୟାଳୟରେ କଲିକତା ଶ୍ରୀ ଶାରଦା ମଠ ଓ ଶ୍ରୀ ଶ୍ରୀ ରାମକୃଷ୍ଣ ବିବେକାନନ୍ଦ ସେବା ସଂଘର ମିଳିତ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପ୍ରଫେସର ଡ. ରାଜଶ୍ରୀ ବରାଳ ଏଥିରେ ପୌରୋହିତ୍ୟ କରିଥିଲେ। ଶାରଦା ମଠର ସାଧ୍ୱୀ ପରିବ୍ରାଜିକା ଭୀତାଭୟା ପ୍ରାଣା ମୂଲ୍ୟବୋଧ ଓ ସାମାଜିକ ଅବକ୍ଷୟ ଉପରେ ଆଲୋକପାତ କରିଥିବା ବେଳେ ସାଧ୍ୱୀ ପରିବ୍ରାଜିକା ଆତ୍ମାଦୀପ ପ୍ରାଣା ସ୍ୱାମୀ ବିବେକାନନ୍ଦ ମହିଳା ସଶକ୍ତିକରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଉଚ୍ଛେଦ ହିତାଧିକାରୀଙ୍କ ପାଇଁ ଲାଗୁ ହେବ ନୂଆ ନିୟମ

**ସମଲେଇ ମନ୍ଦିର ପ୍ରକଳ୍ପ ମାମଲା**

କଟକ ଅଫିସ,୩୧ା୧

ସମଲେଇ ମନ୍ଦିର ପ୍ରକଳ୍ପ ମାମଲାରେ ହାଇକୋର୍ଟ ୨୦୨୨ ଜୁଲାଇ ୧୨ ତାରିଖର ଆଦେଶ କାଏମ ରହିବ ବୋଲି ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ସରକାରଙ୍କ ପୁନର୍ବାସ ଓ ଥଇଥାନର ନୂତନ ନୀତି ଉଚ୍ଛେଦ ହିତାଧିକାରୀଙ୍କ କ୍ଷେତ୍ରରେ ଲାଗୁ ହେବା ନେଇ ପୂର୍ବ ନିର୍ଦ୍ଦେଶ କାଏମ ରଖିବା ସହ ମାମଲାର ଅନ୍ତ ଘଟାଇଛନ୍ତି ହାଇକୋର୍ଟ।

ମାମଲାର ବିବରଣୀ ଅନୁସାରେ, ଆବେଦନକାରୀମାନେ ୨୦୧୩ର ପୁନର୍ବାସ ଓ ଥଇଥାନ ନୀତି ସେମାନଙ୍କ କ୍ଷେତ୍ରରେ ଲାଗୁ ହେଉ ବୋଲି ଆବେଦନରେ ପ୍ରାର୍ଥନା କରିଥିଲେ। ସେମାନେ ସମଲେଇ ମନ୍ଦିରର ସରକାରୀ ଜମିରେ ଘର କରି ରହିଥିଲେ। ଏମାନଙ୍କୁ କ୍ଷତିପୂରଣ ଦେବାକୁ ସରକାର ଏକ ନୂତନ ନୀତି କରିଥିଲେ। ଆବେଦନକାରୀମାନେ ସରକାରଙ୍କ ନୂତନ ନୀତିକୁ ସେମାନଙ୍କ କ୍ଷେତ୍ରରେ ଲାଗୁ ନ କରି ୨୦୧୩ର ନୀତି ଲାଗୁ କରିବାକୁ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ଏହି ମାମଲାରେ ସରକାରଙ୍କ ପଦକ୍ଷେପ ଉପରେ ରହିତାଦେଶ ଲାଗୁ କରିଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ସରକାରୀ ଜାଗା ଉପରେ ଘର କରିଥିବା ଆବେଦନକାରୀଙ୍କୁ କହିଥିଲେ ଯେ, ୨୦୧୩ ନୀତି ଲାଗୁ ହୋଇପାରିବ ନାହିଁ। ନୂତନ ନୀତି ହିଁ ଲାଗୁ ହେବ। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଆବେଦନକାରୀମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ସୁପ୍ରିମକୋର୍ଟ ଏହି ଆବେଦନକୁ ଖାରଜ କରିଦେଇଥିଲେ। ଫଳରେ ହାଇକୋର୍ଟରେ ମୂଳ ମାମଲାର ପୁନଃ ଶୁଣାଣି ହୋଇଥିଲା। ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ବିଚାରପତି ଏମ. ଏସ୍. ରମଣଙ୍କ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ପୂର୍ବ ରାୟକୁ କାଏମ ରଖିଥିଲେ। ଆବେଦନକାରୀଙ୍କ କ୍ଷତିପୂରଣ କ୍ଷେତ୍ରରେ ସରକାରଙ୍କ ନୂତନ ନିୟମ ଲାଗୁ ହେବ ବୋଲି ହାଇକୋର୍ଟ ରାୟ ଶୁଣାଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ବବୁଲୁ



@ ଦିନେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମ୍ବଲପୁରରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା




ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀ।

ସମ୍ବଲପୁର, ୩୧ା୧(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ପଟ୍ଟନାୟକପଡା ଚିତ୍ରଗୁପ୍ତ ଛକଠାରେ ସମ୍ବଲପୁର ବଡି ବିଲ୍ଡିଂ ଆଣ୍ଡ ଫିଟ୍‌ନେସ ଆସୋସିଏସଶନ ତରଫରୁ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଲାର ପ୍ରାୟ ୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମିଷ୍ଟର ସମ୍ବଲପୁର ଭାବେ ଶଙ୍କର ମେହେର ଟାଇଟଲ ହାସଲ କରିଥିବାବେଳେ ରାକେଶ ନାଏକ ଦ୍ୱିତୀୟ ଓ କପିଳ ତାଣ୍ଡି ତୃତୀୟ ହୋଇଛନ୍ତି। ମେନ ଫିଜିକରେ ବିକାଶ କୁମାର ପାତ୍ର ପ୍ରଥମ, ପ୍ରଶାନ୍ତ ମେହେର ଦ୍ୱିତୀୟ ଓ ସାଇମନ ସାଗର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଆଲିମ କାମଦାର ଓ ବିକାଶ ଜଗତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଜିଲା ସମ୍ପାଦକ ଅମିତା ପରିଡା, ସଭାପତି ସତୀଶ ବିଶି, ସହସମ୍ପାଦକ ଦୁଲାଲ ଚନ୍ଦ୍ର ରାୟ, ଉପସଭାପତି ଆସିଫ ସେକ ପ୍ରମୁଖ ଉପସ୍ଥିତ ଥିଲେ। ଡୋଲାମଣି ରାଉତ, ଏମ୍‌ଡି ତସଲିମ, ଭୋଲାନାଥ ନାୟକ, କୃଷ୍ଣ କାନ୍ତ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

### ମେଘପାଳରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର,୩୧ା୧(ବ୍ୟୁରୋ)

ସମ୍ବଲପୁର ଜିଲାର ଦୁର୍ଗମ ଅଞ୍ଚଳ ମେଘପାଳରେ ମଙ୍ଗଳବାର ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ପ୍ରଥମ ଦିନରେ କଳସ ଶୋଭାଯାତ୍ରା କରାଯାଇ ସ୍ଥାପନା ହୋଇଥିଲା। ବୁଧବାରଠାରୁ ପୂଜାକର୍ମ, ହୋମଯଜ୍ଞ, ମୂର୍ତ୍ତି ପ୍ରତିଷ୍ଠା ହୋଇ ୩ ତାରିଖରେ ପୂର୍ଣ୍ଣାହୁତି ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ପଣ୍ଡିତ ମହେଶ୍ୱର ନାୟକ, ଶିବ ଶଙ୍କର ପଣ୍ଡା, ହରେଶ ମିଶ୍ର, ଅଜୟ ନାୟକ, ପ୍ରମୋଦ ମିଶ୍ର, ମନିଷ ନାୟକ ପ୍ରମୁଖ ପଣ୍ଡିତ ପୂଜାକର୍ମ କରୁଛନ୍ତି। ମୁଖ୍ୟକର୍ତ୍ତା ଭାବେ ପ୍ରଦୀପ ମେହେର ଓ ଧନମତି ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂର୍ବତନ ସରପଞ୍ଚ ମାନଭଞ୍ଜନ ବୁଡେକ ଓ ପୂଜା କମିଟି ସଦସ୍ୟ ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି। ବିଭିନ୍ନ ଦିବସରେ ବରଗଡର ମିକ୍ସର ଦଣ୍ଡ, ପିତାପାଲିର ରଙ୍ଗିନ୍ କୃଷ୍ଣଗୁରୁ, ଝରଝରି- ଅତାବିରା ମଧ୍ୟରେ ମହିଳା କୀର୍ତ୍ତନ ହେବା ସ୍ଥିର ହୋଇଛି। ଡା. ରାଜାରାମ ଷଡଙ୍ଗୀ ପଞ୍ଚାୟତର ସଂହତି ଓ ଏକତା ପାଇଁ ଶୁଭ ସୂଚନା ବୋଲି କହିଥିଲେ।

# ଭିସୁଟ୍‌ରେ ଇଲେକ୍ଟ୍ରୋନିକ୍ସ ବିଭାଗର ସୁବର୍ଣ୍ଣ ଜୟନ୍ତୀ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ସମ୍ବଲପୁର,୩୧ା୧(ବ୍ୟୁରୋ)

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର ଇଲେକ୍ଟ୍ରୋନିକ୍ସ ଓ ଟେଲିକମ୍ୟୁନିକେଶନ ବିଭାଗର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବଂଶୀଧର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ହରିଶ କୁମାର ସାହୁ ଓ ସଂଯୋଜକ ଡ. ନୀଳମଣି ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇଲେକ୍ଟ୍ରୋନିକ୍ସ ଓ ଟେଲିକମ୍ୟୁନିକେଶନ ବିଭାଗ ୧୯୭୨ ମସିହାରେ ସ୍ଥାପିତ ହୋଇଥିଲା। ଚଳିତବର୍ଷ ଏହା ୫୦ବର୍ଷ ପୂରଣ କରିଛି। ଉତ୍ସବରେ ପୁରାତନ ଛାତ୍ର, ଓ ଅଧ୍ୟାପକ ଉପସ୍ଥିତ ଥିଲେ। ପୁରାତନ ଛାତ୍ରମାନେ କଲେଜ ଦିନର ସ୍ମୃତିଚାରଣ କରିଥିଲେ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବ୍ଲକସ୍ତରୀୟ ବନ ମହୋତ୍ସବ

ଜମନକିରା,୩୧ା୧(ଡି.ଏନ.ଏ.)



ଉତ୍ସବରେ ଯୋଗଦେଇଥିବା ଗୁରୁଭାଇ ଓ ମା'ମାନେ।

ଜମନକିରା ବ୍ଲକ ବଡରମା ପଞ୍ଚାୟତର ଚିନିମହୁଲ ଗ୍ରାମ ସମେତ ଛେମୁଣ୍ଡା ଓ ଜମନକିରାର ଗୁରୁଭାଇ ଓ ମା'ମାନଙ୍କ ମିଳିତ ଉଦ୍ୟମରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବ୍ଲକସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ବାମଣ୍ଡାର ଋତ୍ୱିକ ଜୟନ୍ତ କୁମାର ଦାସ ମୁଖ୍ୟ ଭାବେ ଉପସ୍ଥିତ ଥିବାବେଳେ ମୁଖ୍ୟ ଅତିଥି ଭାବେ ବାମଣ୍ଡାର ଋତ୍ୱିକ ବିନୟ କୁମାର ଦାସ ଯୋଗଦେଇଥିଲେ। ବଡ଼ରମା ସରପଞ୍ଚ ବିଜୟ କୁମାର ନାୟକ, ଚିନିମହୁଲ ଗ୍ରାମ ସଭାପତି ଗଙ୍ଗାଧର ନାୟକ, ସାହସପୁରର ଯାଜକ ଚିତ୍ତରଞ୍ଜନ ପରିଜା, ଗୋଡ଼ଭଗା ଯାଜକ ୱାରକର ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଡ଼ଭଗା ଅଞ୍ଚଳର ପୂର୍ଣ୍ଣାନନ୍ଦ ପଧାନ, ରମାକାନ୍ତ ପଧାନ, କବି ମିର୍ଦ୍ଧା, ଚକ୍ର ଥପ୍ପା ଅତିଥି ଭାବେ ଯୋଗଦେଇଥିଲେ। ବ୍ରାହ୍ମ ମୁହୂର୍ତ୍ତରୁ ଉଷା କୀର୍ତ୍ତନ ଓ ପରେ ଭଜନ କୀର୍ତ୍ତନ ହୋଇଥିଲା।

# ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥାନ୍ତି ଆଲୁମ୍‌ନି

**ଜିଏମ୍‌ୟୁରେ ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ**

ସମ୍ବଲପୁର,୩୧ା୧(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଶତାଧିକ ପୁରାତନ ଛାତ୍ରୀଛାତ୍ର ଅମୃତ ବିହାର ପରିସରରେ ବୃକ୍ଷରୋପଣ କରିଥିଲେ। ସଭାକୁ ଉଦ୍‌ଘାଟନ କରି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗାରାଜୁ କହିଥିଲେ, ବିଶ୍ୱବିଦ୍ୟାଳୟର ସମ୍ମାନ, ସ୍ଥାପତ୍ୟ ଓ ବର୍ତ୍ତମାନ ଛାତ୍ରୀଛାତ୍ରୀଙ୍କୁ ପ୍ରେରଣା ଦେଇଥାନ୍ତି ଆଲୁମ୍‌ନି। କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଦୀପକ କୁମାର ବେହେରାଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ଅଧ୍ୟାପକ ପ୍ରଫେସର ମୀନକେତନ ପୁରୋହିତ, ପ୍ରଫେସର ପଙ୍କଜ ପଟେଲ, ପ୍ରଫେସର ଧନିରାମ ଅଗ୍ରୱାଲ, ପ୍ରଫେସର ନନ୍ଦୀ ପୂଜାରୀ, ପ୍ରଫେସର ମିଳନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୃଥ୍ୱୀରାଜ ମିଶ୍ର ସଂଯୋଜନା କରିଥିବା ବେଳେ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ସ୍ୱାଗତ ବକ୍ତବ୍ୟ ଦେଇଥିଲେ। କୁଳସଚିବ ଯୁଗଳେଶ୍ୱରୀ ଦାଶ, ଉପକୁଳ ସଚିବ ଡ଼. ଉମାଚରଣ ପତି ଉଦ୍‌ବୋଧନ ଦେଇଥିଲେ। ପଠାଣ ପଣ୍ଡା, ଅନୁପ ପାଢ଼ୀ, ସ୍ନିଗ୍ଧା ପାଢ଼ୀ, କଳ୍ପନା ପାଢ଼ୀ, ପ୍ରତିମା ମିଶ୍ର, ସମସେର ଖାନ୍, ମୋ କଲେଜ ଅଭିଯାନ ସଂଯୋଜିକା ମଧୁମିତା ପଣ୍ଡା ଉପସ୍ଥିତ ଥିଲେ।

# ବାଲି ଚୋରା ଚାଲାଣ, ଜରିମାନା ଆଦାୟ

ଖଡ଼ିଆଳ,୩୧ା୧(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ତୁକୁଲାଠାରେ ବେଆଇନ ଭାବେ ବାଲି ଆଣୁଥିବା ବେଳେ ଖଡ଼ିଆଳ ଅତିରିକ୍ତ ତହସିଲଦାର ଚଢ଼ାଉ କରି ଜରିମାନ ଆଦାୟ କରାଯାଇଛି। ଏକ ହାଇୱା ଟ୍ରକ୍ ଓ୦୮ଏସ୬୮୫୮ରେ ୧୬ସିଏମ ବାଲି ବଲାଙ୍ଗୀର ଜିଲାରୁ ଖଡ଼ିଆଳକୁ ଚାଲାଣ ହେଉଥିଲା। ଖବର ପାଇ ଖଡ଼ିଆଳ ଅତିରିକ୍ତ ତହସିଲଦାର ଜୟେସେନ ଧରୁଆଙ୍କ ନେତୃତ୍ୱରେ ଟିମ୍ ତୁକୁଲାଠାରେ ଅଟକାଇ ୨୦,୫୬୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଢ଼ାଉରେ ଆରଏସ ଭେକଲାଲ ଚନ୍ଦ୍ରକାର, ଆରଆଇ ଶରଧାପୁର ହିମାଂଶୁ କଣ୍ଟା, ଆରଆଇ ତୁକୁଲା ଦିଲୀପ ମାଝି, ଆରଆଇ ସୋମନାଥ ସୁନାନୀ ପ୍ରମୁଖ ସାମିଲ ହୋଇଥିଲେ।

# ଝୁମୁରାରେ ବିଜେଡି ପକ୍ଷରୁ ନବ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୩୧ା୧(ବ୍ୟୁରୋ)

ଝାରସୁଗୁଡା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ବିୟୋଗରେ ଝୁମୁରା ବ୍ଲକ ବିଜେଡି ପକ୍ଷରୁ ଏକ ଶୋକସଭା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଭାରେ ଜିଲା ପରିଷଦ ଉପସଭାପତି ମାଧବ ମିର୍ଦ୍ଧା, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ସମିତି ସଭ୍ୟ ନୃପରାଜ ଶେଖର କୁମୁରା, ପ୍ରହ୍ଲାଦ ପ୍ରଧାନ, ବୈରାଗି ଦେହୁରି, ଅଶ୍ୱିନୀ ଦେହୁରି, ଅବନି କୁମୁରା, ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ଦାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଝୁମୁରା ବ୍ଲକ ପାଇଁ ତାଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା।

# ବିଜେଡି ପକ୍ଷରୁ ନବ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

କୁଚିଣ୍ଡା,୩୧ା୧(ଡି.ଏନ.ଏ.)

ସ୍ଥାନୀୟ ପୂର୍ତ୍ତବିଭାଗ ବଙ୍ଗଳାରେ ମଙ୍ଗଳବାର କୁଚିଣ୍ଡା ବିଜେଡି ପକ୍ଷରୁ ସ୍ୱର୍ଗତ ନବ କିଶୋର ଦାସଙ୍କ ବିୟୋଗରେ ଏକ ଶୋକସଭା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ହୋଇଥିବା ଶ୍ରଦ୍ଧାଞ୍ଜଳି ସଭାରେ ସମ୍ବଲପୁର ଜିଲାପରିଷଦ ଅଧକ୍ଷା କୁମୁଦିନୀ ନାୟକ, କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ଜିଲାପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, ଜୋନ ସମ୍ପାଦକ ପ୍ରତାପ କୁମାର ଶର୍ମା, ନଗର ସଭାପତି ସଞ୍ଜୟ ବେହେରା, ପ୍ରଦୀପ ମିଶ୍ର, ଗଣେଶ ଅଗ୍ରୱାଲଙ୍କ ସମେତ କୁଚିଣ୍ଡା ନିବାଚନ ମଣ୍ଡଳୀର ଶତାଧିକ କର୍ମୀ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରି ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନବ କିଶୋର ଦାସଙ୍କ ଏଭଳି ଅପ୍ରତ୍ୟାଶିତ ବିୟୋଗ ସମଗ୍ର ପଶ୍ଚିମ ଓଡିଶା ତଥା ରାଜ୍ୟର ଅପୂରଣୀୟ କ୍ଷତି ବୋଲି ଆଲୋଚନା କରିଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଦଳୀୟ କର୍ମୀ।

# ଟେଣ୍ଡର ପ୍ରକ୍ରିୟାରେ ପାତରଅନ୍ତର ଅଭିଯୋଗ

**ଲୋୟର ଇନ୍ଦ୍ର କାର୍ଯ୍ୟାଳୟ ଘେରାଉ କଲେ ଖଡ଼ିଆଳ ଠିକାଦାର ସଂଘ**

ଖଡ଼ିଆଳ,୩୧ା୧(ଡି.ଏନ.ଏ.)



ଖଡ଼ିଆଳ ଠିକାଦାର ସଂଘ ପକ୍ଷରୁ ଘେରାଉ କରାଯାଇଛି।

ନୂଆପଡ଼ା ଜିଲା ଖଡ଼ିଆଳ ଲୋୟର ଇନ୍ଦ୍ର ପ୍ରକଳ୍ପ ବିଭିନ୍ନ କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟାରେ ପାତରଅନ୍ତର କରିବା ସହ ବଡ଼ବଡ଼ ପ୍ୟାକେଜ କରି ବଡବଡ କମ୍ପାନୀକୁ କାର୍ଯ୍ୟ ଭାର ଦେଇ ସ୍ଥାନୀୟ ଠିକାଦାରଙ୍କୁ ଅଣଦେଖା କରାଯାଉଛି। ଏହି ଅଭିଯୋଗ ନେଇ ଖଡ଼ିଆଳ ଠିକାଦାର ସଂଘ ପକ୍ଷରୁ ଲୋୟର ଇନ୍ଦ୍ର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ଚେତାବନୀ ଦେଇଛି ଖଡ଼ିଆଳ ଠିକାଦାର ସଂଘ। ଆଗକୁ ୧୧୪.୫୨ କୋଟି ଟଙ୍କାରେ ହେବାକୁ ଥିବା ଲୋୟର ଇନ୍ଦ୍ର ପ୍ରକଳ୍ପ କେନାଲ ଉନ୍ନତିକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ହେବାର ଅଛି। ହେଲେ ଏକକାଳୀନ ଏତେବଡ଼ ଟେଣ୍ଡର କରି କୌଣସି ଏକ ନିର୍ଦ୍ଦିଷ୍ଟ କମ୍ପାନୀକୁ ଟେକି ଦେବାର ସୁପରିକଳ୍ପିତ ଯୋଜନା ବିଭାଗୀୟ ଅଧିକାରୀ କରିଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଥିବା ଶହଶହ ଠିକାଦାର କାମ କରିବାରୁ ବଞ୍ଚିତ ହେଉଛନ୍ତି। ଗତ କୋଭିଡ୍ ସମୟରୁ ଅଞ୍ଚଳର ଠିକାଦାରମାନେ କାମ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ଲୋୟର ଇନ୍ଦ୍ର ସେଚନ ବିଭାଗ ପାତରଅନ୍ତର ନୀତି ଯୋଗୁ ଆହୁରି ବ୍ୟଥିତ କରିଛି। ଏଣୁ ୧୧୪.୫୨ କୋଟି ଟଙ୍କାର ପ୍ୟାକେଜକୁ ଭାଗ ଭାଗ କରି ଅନ୍ୟ ଠିକାଦାରମାନଙ୍କୁ କାମ କରିବାକୁ ସୁଯୋଗ ଦେବା ପାଇଁ ଖଡ଼ିଆଳ ଠିକାଦାର ସଂଘ ଦାବି କରିଛି। ଲୋୟର ଇନ୍ଦ୍ର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଯୁଗଳ କିଶୋର ଖଟୁଆଙ୍କୁ ପଚାରିବାରୁ ଟେଣ୍ଡର ପ୍ରକ୍ରିୟାର ପାତରଅନ୍ତର ନୀତିକୁ ଅସ୍ୱୀକାର କରିବା ସହ ଠିକାଦାର ସଂଘ ଦାବିପତ୍ର ସରକାରଙ୍କୁ ପ୍ରେରଣ କରି ଦିଆଯିବ ବୋଲି କହିଛନ୍ତି।

